# ଏଥର ୩ ଦିନ ହେବ ସୌରିକ ମହୋତ୍ସବ

**କାଳିଆପାଣି,୧୧।୧୧(ଅସିତ ମହାନ୍ତ):**

ସୌରିକ ମହୋତ୍ସବ-୨୦୨୫ର ପ୍ରଥମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ସମସ୍ତ କମ୍ପାନୀର ପ୍ରତିନିଧି, ଖଣି ଠିକାଦାରଙ୍କ ପ୍ରତିନିଧି, କ୍ରୋମାଇଟ ପରିବହନ ଠିକାଦାରଙ୍କ ପ୍ରତିନିଧି ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଆଗାମୀ ସୌରିକ ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ସମସ୍ତ ପ୍ରତିନିଧି ପ୍ରତିଶ୍ରୁତି ଦେବା ସହିତ ଆବଶ୍ୟକ ମୁତାବକ ସମସ୍ତ ପ୍ରକାର ସହଯୋଗ କରିବାକୁ ମତବ୍ୟକ୍ତ କରିଥିଲେ । ଚଳିତ ଥର ଏହି ସୌରିକ ମହୋତ୍ସବ ୩ ଦିନ ଧରି ପାଳନ କରିବାକୁ ସର୍ବସମ୍ମତି ପ୍ରକାଶ ପାଇଥିଲା । ଏହି ମହୋତ୍ସବର ପ୍ରଥମ ବୈଠକରେ ସୁକିନ୍ଦା ବିଧାୟକ ତଥା ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତପନ କୁମାର ନନ୍ଦ ମଧ୍ୟ ଉପସ୍ଥିତ ଥିଲେ ।



ବୈଠକରେ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତଙ୍କ ସହ ବିଭିନ୍ନ କମ୍ପାନୀ ଓ ଠିକାସଂସ୍ଥାର ପ୍ରତିନିଧି ।

ଅନ୍ୟମାନଙ୍କ ମଧ୍ୟରେ ଖଣି ନିଗମ ଖଣି ପରିଚାଳକ ଦୀପକ ରଞ୍ଜନ ମହାନ୍ତ , ପ୍ରଶାସନିକ ଅଧିକାରୀ ସୁଶାନ୍ତ ସେଠୀ, ଟାଟା କମ୍ପାନୀ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର , ବେଦାନ୍ତ କମ୍ପାନୀ ଖଣି ପରିବହନ ମୁଖ୍ୟ ଅଜୟ କୁମାର ପାତ୍ର , ଇମ୍ଫା କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ପ୍ରଭାତ ସିଂ, ମିଳନ କର, ଜିନ୍ଦଲ କମ୍ପାନୀର ଖଣି ପରିଚାଳକ ରମ୍ୟରଞ୍ଜନ ରାୟ , ବାଲେଶର ଆଲାଏଜ ଖଣି ଉପସଭାପତି ସୁଧାଂଶୁ ପାଟନିଙ୍କ ସହ କ୍ରୋମାଇଟ ଉତ୍ତୋଳନ ଠିକାଦାର ଡେକୋ , ନାରାୟଣୀ , କେଟିଏଲ , ମାହେଶ୍ୱରୀ , ଏଏ ସି ଆଦି ପରିବହନ ଠିକାଦାର ଉପସ୍ଥିତ ଥିଲେ । ସ୍ଥାନୀୟ ଅଞ୍ଚଳର ସୌରିକ ମହୋତ୍ସବର ସଫଳ ଆୟୋଜନ ପାଇଁ ଖଣି ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ସମେତ ଖବରଦାତା ବିଶ୍ୱଜିତ ନାୟକ,ରବିନ୍ଦ୍ର କୁମାର ସାମଲ, ଲମ୍ବୋଦର ଦଳ ବେହେରା, ଅସିତ ମହାନ୍ତ, ଦୟାନିଧି ମହାନ୍ତ ଓ ବରିଷ୍ଠ ସାମାଜିକ କର୍ମୀ ତଥା ସଂଗଠକ ଅମଳେନ୍ଦୁ ବେହୁରା, ବିଦ୍ୟାଧର ପାତ୍ର, ମାନସ ମହାନ୍ତି, ବେଣୁଧର ମହାନ୍ତ , ମନୋଜ ମହାନ୍ତ, ଲମ୍ବୋଦର ମହାନ୍ତ , ଦିଲୀପ ପାତ୍ର , ଯଦୁମଣି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ ।

## ସଂକ୍ଷେପରେ

### ପୋଲ ତଳୁ ମୃତଦେହ ଜବତ
#### -ରବିବାର ରାତିରୁ ନିଖୋଜ ଥିଲେ

**କାଳିଆପାଣି,୧୧।୧୧(ଅସିତ ମହାନ୍ତ):**

ଯାଜପୁର ଜିଲାର ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତା ଉପରେ ଥିବା ପୋଲ ତଳୁ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି । ମୃତକ ହେଲେ କାଳିଆପାଣି ଥାନା କାଙ୍କଡ଼ପାଳ ପଞ୍ଚାୟତ ଭାଲୁକି ପାତାଳା ଗ୍ରାମର ମାୟାଧର ମହାନ୍ତି(୫୩) । ରବିବାର ସନ୍ଧ୍ୟାରେ ମାୟାଧର ଘରୁ ଏକ ସାଇକେଲ ଧରି କୁଆଡ଼େ ବାହାରି ଥିଲେ । ହେଲେ ରାତିରେ ମାୟାଧର ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକମାନେ ଅନେକ ଖୋଜାଖୋଜି କରିବା ପରେ ବି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ସୋମବାର ସକାଳ ସେହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲକୁ ଯିବା ବେଳେ ଜଣେ ବ୍ୟକ୍ତି ପୋଲ ତଳେ ପଡିଥିବା ଦେଖିଥିଲେ । ଖବର ପାଇ ପରିବାର ଲୋକମାନେ ସେଠାରେ ପହଞ୍ଚି ମାୟାଧରଙ୍କ ମୃତଦେହ ପାଣି ପଡିଥିବା ଚିହ୍ନଟ କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ ପାଇ କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ କରାଯାଇଛିୟ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

### ଦାଦନ ଖଟିବାକୁ ଯାଇ ଯୁବକ ମୃତ
#### ମୃତଦେହ ଜନ୍ମମାଟିକୁ ଆଣିବା ପାଇଁ ଜିଲାପାଳଙ୍କୁ ଗୁହାରି

**ବିଞ୍ଝାରପୁର,୧୧।୧୧(ରାମକୃଷ୍ଣ ଦାସ):**

ଚେନ୍ନାଇକୁ ଦାଦନ ଖଟିବାକୁ ଯାଇ ବିଞ୍ଝାରପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଲେଙ୍କାସାହି ଗ୍ରାମର ସୁରେଶ ଜେନା (୨୪) । ସୁରେଶ ନିଜ ସମ୍ପର୍କୀୟଙ୍କ ସହିତ ଦାଦନ ଖଟିବାକୁ ଗତ ଅକ୍ଟୋବର ୨୬ରେ ଚେନ୍ନାଇ ଯାଇଥିଲେ । ସେଠାରେ ତାଙ୍କର ଗତ ୯ ତାରିଖରେ ମୃତ୍ୟୁ ହୋଇଚି । ସୁରେଶ ଆତ୍ମହତ୍ୟା କରିଥିବା ତାଙ୍କ ସମ୍ପର୍କୀୟମାନେ ଚେନ୍ନାଇରୁ ଫୋନ ଯୋଗେ ଜଣାଇଥିଲେ । ସୁରେଶଙ୍କ ଏପରି ଦୁଃଖଦ ଘଟଣାରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ପୁଅର ମୃତଦେହକୁ ନିଜ ଜନ୍ମମାଟିକୁ ଫେରାଇ ଆଣିବାକୁ ବାପା ମାଆ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି । ଏ ସଂକ୍ରାନ୍ତରେ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି । ତେବେ ଇତିମଧ୍ୟରେ ୪ଦିନ ବିତିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଇ ନ ଥବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା,ଅଧା କାମ ଶେଷ କରିବାକୁ ଗୁରୁତ୍ୱ



ବିଦ୍ୟାଳୟ ପରିଚାଳନା ସମିତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

**ରସୁଲପୁର,୧୧।୧୧(ରଞ୍ଜିତ ରାଉତ):**

### ବିଦ୍ୟାଳୟ ପରିଚାଳନା ସମିତି ବୈଠକ

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ୫-ଟି ବିଦ୍ୟାଳୟ ହିଙ୍ଗୁଳା ବିଦ୍ୟାପୀଠର ପରିଚାଳନା ସମିତି ବୈଠକ ସଭାପତି ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୫-ଟି ଯୋଜନାରେ ବିଦ୍ୟାଳୟ ପରିସରରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପର ସ୍ଥିତି ସମୀକ୍ଷା କରାଯାଇଥିଲା । ଏହି ଯୋଜନା ଅର୍ଥରେ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଅଧପନ୍ତରିଆ ହୋଇପଡି ରହିଥିବାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଅସମ୍ପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣାଙ୍ଗୀକରଣ ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା ହୋଇଥିଲା । ଏ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ରିଜୋଲେଶନରେ ସ୍ଥାନ ଦିଆଯିବା ସହ ଏ ନେଇ ରସୁଲପୁର ବିଡିଓଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଛି । ପରବର୍ତ୍ତୀ ପଦକ୍ଷେପ ନିଆଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି । ଏହାଛଡା କୋରେଇ ବିଧାୟକ ଆକାଶ ଦାସନାୟକ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ଆମନ୍ତ୍ରଣ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଇବାକୁ ପ୍ରସ୍ତାବ ରଖାଯାଇଛି । ବିଦ୍ୟାଳୟ ପାଇଁ ବିଧାୟକଙ୍କ ପ୍ରତିନିଧି ଭାବେ ଯୋଶବନ୍ତ ଦାସଙ୍କୁ ମନୋନୀତ କରାଯାଇଛି । ତାଙ୍କୁ ବିଦ୍ୟାଳୟ କମିଟି ପକ୍ଷରୁ ସ୍ୱାଗତ ସମ୍ମାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ କେତେଜଣ ଶିକ୍ଷକଙ୍କ ମନମୁଖି କାର୍ଯ୍ୟକୁ ନେଇ ପରିଚାଳନା ସମିତିର ସଦସ୍ୟମାନେ ବିରକ୍ତି ପ୍ରକାଶ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଶୈକ୍ଷିକ କାର୍ଯ୍ୟ ଛଡା ବିଦ୍ୟାଳୟର ଅନ୍ୟ ସମସ୍ତ କାର୍ଯ୍ୟ ପରିଚାଳନା କମିଟିର ବିନା ପରାମର୍ଶରେ କରା ନ ଯିବାକୁ ବିଧାୟକଙ୍କ ପ୍ରତିନିଧି ଦାସ ମତ ଦେଇଥିଲେ । ଆଗାମୀ ଦିନରେ ବିଦ୍ୟାଳୟର ଉନ୍ନୟନ ନେଇ ଏକ ନକ୍ସା ପ୍ରସ୍ତୁତ କରି ସମିତିରେ ଆଲୋଚନା କରାଯାଇ ବିଧାୟକଙ୍କୁ ଚିଠି ଜରିଆରେ ଅବଗତ କରାଗଲେ ସେ ଏ ନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ ।

ଉକ୍ତ ବୈଠକରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ଶିକ୍ଷକ ପ୍ରତିନିଧି ସୁରେଶ କୁମାର କର, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ନଗେନ୍ଦ୍ର କୁମାର ପତି, ମଦନ ମୋହନ ପତି, ପରିଚାଳନା ସମିତି ସଦସ୍ୟ ବାସୁଦେବ ଦାଶ, ଧନେଶ୍ୱର ସାହୁ, ଦିବାକର ବିଶ୍ୱାଳ, ରଞ୍ଜିତା ମଲିକ, ଭିକାରୀ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସମିତିର ସଦସ୍ୟମାନେ ୫-ଟି ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟକୁ ନେଇ ବିଭିନ୍ନ କାଗଜପତ୍ରକୁ ଯାଞ୍ଚ କରିବା ସହ ଜିଲା ଶିକ୍ଷା ପ୍ରଶାସନ ପକ୍ଷରୁ ବିଦ୍ୟାଳୟରୁ କେତେଟି କମ୍ପ୍ୟୁଟର ମରାମତି ପାଇଁ ନିଆଯାଇଛି । ସେ ସବୁକୁ ବିଦ୍ୟାଳୟକୁ ତୁରନ୍ତ ଫେରାଇ ଦେବାକୁ ପତ୍ର ଲେଖି ଅବଗତ କରାଇବାକୁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ୧୫ରେ ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

**ଧର୍ମଶାଳା,୧୧।୧୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ ପୁଷ୍କରଣୀରେ 'ବନ୍ଦେ ଉତ୍କଳ ଜନନୀ' ପକ୍ଷରୁ ୪୦ତମ ବୋଇତ ବନ୍ଦାଣ ଏବଂ ସାଂସ୍କୃତିକ ମିଳନ ଉତ୍ସବ ଆସନ୍ତା ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦରଜୀଉ ପୁଷ୍କରିଣୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟାଳୟରୁ ଅତିଥିମାନଙ୍କୁ ଏକ ଶୋଭାଯାତ୍ରାରେ ବୋଇତ ବନ୍ଦାଣ ସ୍ଥଳକୁ ନିଆଯିବା ପରେ ସେଠାରେ ସାଂସ୍କୃତିକ ମିଳନ ସଭା ଅନୁଷ୍ଠିତ ହେବ । ଏହି ଉତ୍ସବରେ ରାଜ୍ୟର ବରିଷ୍ଠ ଖବରଦାତା, ସାହିତ୍ୟିକ, ଲେଖକ ତଥା ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଓଡିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତ୍ରୀ ସୁପ୍ରିୟା ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ । ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତି ରକ୍ଷା ପାଇଁ ଏହି ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିବା ବେଳେ ଏହାକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଶ୍ୟାମପ୍ରସାଦ ଦାଶ ଅନୁରୋଧ କରିଛନ୍ତି ।

## ଅଗ୍ନିକାଣ୍ଡ, ୩ ପରିବାର ସର୍ବସ୍ୱାନ୍ତ

**ବିଞ୍ଝାରପୁର,୧୧।୧୧(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତର ଜରି ଗ୍ରାମରେ ରବିବାର ମଧ୍ୟରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ପରିବାର ସଦସ୍ୟମାନେ ପିନ୍ଧିଥିବା ପୋଷାକ ବ୍ୟତୀତ ଅନ୍ୟ କିଛି ଉଦ୍ଧାର କରାଯାଇପାରିନାହିଁ ।

ସୂଚନା ଅନୁଯାୟୀ, ଜରି ଗ୍ରାମର ମଧୁସୂଦନ ସାମଲଙ୍କ ପରିବାର ଲୋକମାନେ ରବିବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ । ବିଳମ୍ବିତ ରାତିରେ ଘରେ ବିଦ୍ୟୁତ୍ ସର୍ଟ୍‌ସର୍କିଟ ଯୋଗୁ ପ୍ରଥମେ ନିଆଁ ଲାଗିଥିଲା । ନିଆଁର ପ୍ରକୋପ ଏତେ ପ୍ରଖର ଥିଲା ଯେ ଚାହୁଁ ଚାହୁଁ ମଧୁସୂଦନଙ୍କ ଘରୁ ପଦ୍ମିନୀ ସାମଲ, ସସ୍ମିତା ସାମଲଙ୍କ ଘରକୁ ନିଆଁ ବ୍ୟାପୀ ଯାଇଥିଲା । ଗ୍ରାମବାସୀଙ୍କ ଦ୍ୱାରା ନିଆଁକୁ ଆୟତ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । କିନ୍ତୁ ସେତେବେଳକୁ ୩ ପରିବାର ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା । ଘରର ଆସବାପପତ୍ର ସହ ନଗଦ ଟଙ୍କା, ଧାନ,ଚାଉଳ ବି ପୋଡ଼ି ପାଉଁଶ ହୋଇଯାଇଥିଲା । ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଜରି ସରପଞ୍ଚ ନନ୍ଦକିଶୋର ମଲିକ ପ୍ରଶାସନ ନିକଟରେ ଦାବି କରିଛନ୍ତି । ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସାମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ସୋମବାର ଜରି ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ । ଅଗ୍ନି ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଇଥିବା ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି ।

## କୂଅରେ ପଡି ବୃଦ୍ଧ ମୃତ

**ଚଣ୍ଡିଖୋଲ,୧୧।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣ ପଞ୍ଚାୟତ ଅଧୀନ ଗୁଲଜର ନଗର ପାଟଣା ଗ୍ରାମରେ କୂଅରେ ପଡି ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ସୁରେନ୍ଦ୍ର ସାହାଣୀ (୬୭) । ସେ ରାତିରେ ଉଠି କୌଣସି କାରଣରୁ ପଦାକୁ ଆସିଥିଲେ । ହେଲେ ଘର ପରିସରରେ ଥିବା କୂଅରେ ଗଳି ପଡିଥିଲେ । ଘର କବାଟ ମୁକୁଳା ହୋଇଥିବା ଦେଖି ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ । ସକାଳେ କୂଅରେ ପଡି ଭାସୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ତାଙ୍କୁ କୂଅରୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ବଡ଼ଚଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ବରୀ ପର୍ଯ୍ୟଟନସ୍ଥଳୀର ବିକାଶ ଦାବି ଜୋର୍ ଧରିଲା

**ବରୀ,୧୧।୧୧(ମହେନ୍ଦ୍ର ସ୍ୱାଇଁ):**

ଓଡ଼ିଶା ଇତିହାସରେ ଐତିହାସିକ ସ୍ଥାନ ହେଉ କିମ୍ବା ପର୍ଯ୍ୟଟନ ସ୍ଥଳୀ ପାଇଁ ସାରା ଭାରତ ବର୍ଷରେ ଯାଜପୁର ଜିଲାର ବରୀ ଏକ ସ୍ୱତନ୍ତ୍ର ସ୍ଥାନର ମାନ୍ୟତା ପାଇଛି । ହେଲେ ବୌଦ୍ଧ ପୀଠ ରତ୍ନଗିରି, ରକ୍ତତୀର୍ଥ କଳମାଟିଆ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମ ପୀଠରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବରୀ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ମର୍ମରେ ବରୀ ପର୍ଯ୍ୟଟନ ବିକାଶ ପରିଷଦ ତରଫରୁ ସ୍ଥାନୀୟ ସାଇ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ପୀଠ ତଥା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପରିଷଦ ତରଫରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଉକ୍ତ ବୈଠକରେ ପ୍ରାକ୍ତନ ବରୀ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଗିରିଶ ଚନ୍ଦ୍ର ରାୟ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା,ବିବେକାନନ୍ଦ ନାଥ ଶର୍ମା,ବୈକୁଣ୍ଠ ସାମଲ, କବିର ଦାସ, ସତ୍ୟ ରଞ୍ଜନ କର, ଅଶୋକ ସାମଲ, ନିମାଇ ରାୟ, ସଂଯୁକ୍ତା ସାମଲ, ଭଗବାନ ପଡ଼ିହାରୀ, ସୋମନାଥ ଶର୍ମା, ସମୀର ମଲିକ,ଅଜୟ ସାମଲ,ବିଜୟ ଜେନା, ବିପିନ ସାମଲ, ନିର ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ସାମିଲ ହୋଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

## ଅଂଶୁମାନ୍ ଟ୍ରଷ୍ଟ ପକ୍ଷରୁ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ ମେଳା



ସ୍ୱାସ୍ଥ୍ୟମେଳାକୁ ଆସିଥିବା ଲୋକମାନଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି ।

**କାଏମା,୧୧।୧୧( ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସୋମବାର ଏକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପହଞ୍ଚି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ସ୍ୱାସ୍ଥ୍ୟ ଶିବିରକୁ ଆସିଥିବା ଲୋକମାନଙ୍କ ସହିତ ବିଧାୟକ ଆଲୋଚନା କରିଥିଲେ । ପ୍ରାୟ ୬୭୭ ଜଣ ରୋଗୀ ଉକ୍ତ ଶିବିରରେ ନାମ ପଞ୍ଜିକରଣ କରିଥିଲେ । ସ୍ତ୍ରୀ ରୋଗ, ଶିଶୁରୋଗ, ଡାଇବେଟିସ, ଅସ୍ଥିଶଲ୍ୟ, ମେଡ଼ିସିନ ବିଭାଗର ଅଭିଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ ବୋଲି ଟ୍ରଷ୍ଟର ସମ୍ପାଦକ ସୀତାଂସୁ ଶେଖର ସାହୁ କହିଛନ୍ତି । ଅନ୍ୟମାନଙ୍କ ମଧରେ ରାଜେଶ ପାଲ, ଶ୍ରୀକାନ୍ତ ସାହୁ, ଦେବରାଜ ମିଶ୍ର, ଗୌତମ ସାହୁ, ଅଂଶୁମାନ ରଥ, ଲୋକନାଥ ମହାନ୍ତି , ଆୟୁଷମାନ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଦେଙ୍ଗା ସାଗେନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**କଳିଙ୍ଗନଗର,୧୧।୧୧ (ଶୁଭାଶିଷ ରାଉତ):**

କଳିଙ୍ଗନଗର ତ୍ରିଜଙ୍ଗା ଖେଳ ପଡ଼ିଆରେ ଦେଙ୍ଗା ସାଗେନ ୟୁଥ୍ କ୍ଲବ ଦ୍ୱାରା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ନବମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୪ରେ ଜୁନିଅର ଫୁଟବଲ କ୍ଲବ ଦାନଗଦୀ (ଏ )ଜୁନିଅର ଫୁଟବଲ କ୍ଲବ ତ୍ରିଜଙ୍ଗା (ବି ) ଯଥାକ୍ରମେ ଚମ୍ପିୟାନ ଓ ରନର୍ସ ଅପ୍ ହୋଇଛି । ମୁନ ଲାଇଟ୍ କ୍ଲବ ୩ୟ ଓ ମହାବୀର୍ ଆଣ୍ଡ ମହାବୀର୍ ୪ର୍ଥ ସ୍ଥାନ ଅଧିକାର କରିଛି । ମୁଖ୍ୟଅତିଥି ରୂପେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ଡ଼. ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଜିନ୍ଦଲ ଷ୍ଟିଲର ସିଆର୍‌ଏମ . ବି.ଡି. ବଂଶଲ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ରେଫରୀ ଆନ୍ଦ୍ରିଆସ କାଣ୍ଡୁଲନା, ପୂର୍ଣ୍ଣ ସୋରେନ, ପପୁ ବାସ୍କେ ଓ କାଳିନ୍ଦୀ ମୁର୍ମୁ ମ୍ୟାଚ ପରିଚାଳନା କରିଥିଲେ । କ୍ଲବ ସଭାପତି ବୁଦ୍ଧିରାମ କେରାଇ, ସମ୍ପାଦକ ବୀରସିଂହ ବଦରାଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ଏହି ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି ।




ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## କଳା ପଥର ଚୋରି ପ୍ରସଙ୍ଗରେ ମୁହଁ ଖୋଲିଲେ ସର୍ବେଶ୍ୱର

**କାଏମା,୧୧।୧୧( ଶିବପ୍ରସାଦ ମହାନ୍ତି):**



ଦୀର୍ଘ ୫ ମାସ ପରେ ଗଣମାଧ୍ୟମ ସମ୍ମୁଖରେ କଳା ପଥର ଚୋରି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଧର୍ମଶାଳା ବରିଷ୍ଠ ଭାଜପା ନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା । ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବହୁ ଚର୍ଚ୍ଚିତ ଉଙ୍କାରୀ ପାହାଡ଼ରୁ କଳା ପଥର ଲୁଟ୍‌କୁ ବିରୋଧ କରି ୨୦୧୬ରେ କଳା ପଥର ଚାଲାଣକାରୀଙ୍କ ଚକ୍ରାନ୍ତରେ ବେହୁରାଙ୍କ ନାମରେ ଏକ ଗାଡ଼ି ପୋଡ଼ି ମାମଲା ରୁଜୁ ହୋଇଥିଲା । ଏହାକୁ ନେଇ ସୋମବାର ବେହୁରା ଚଣ୍ଡିଖୋଲ କୋର୍ଟରୁ ଜାମିନ ପାଇବା ପରେ ଅପରାହ୍ନରେ ଜାରକାସ୍ଥିତ ବାସ ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ । ଉଙ୍କାରୀ ପାହାଡ଼ରେ ବ୍ୟାପକ କଳା ପଥର ଲୁଟ ନେଇ ଏକ ମାମଲା ସର୍ବୋଚ୍ଚ ନ୍ୟାୟାଳୟ ଓ ଗ୍ରୀନ୍‌ଟ୍ରିବ୍ୟୁନାଲରେ ରହିଥିବା ବେଳେ ପୂର୍ବ ସରକାରଙ୍କ କେତେଜଣ ଅଧିକାରୀ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଲିଜ୍ ଦେଇଥିଲେ । ଯାହା ବେଆଇନ ଅଟେ । ପୂର୍ବ ସରକାର ସମୟରେ ଯେଉଁ ବ୍ୟବସାୟୀମାନେ କଳା ପଥର ଲୁଟ୍ କରୁଥିଲେ ସେମାନେ ବର୍ତ୍ତମାନ ପର୍ଯ୍ୟନ୍ତ ସକ୍ରିୟ ଅଛନ୍ତି । ଭାଜପା ସରକାରଙ୍କୁ ମାତ୍ର ୫ ମାସ ପୂରଣ ହୋଇଥିବା ବେଳେ ଏବେ ବି କେତେଜଣ ଅଧିକାରୀ ଚୋରିକୁ ପ୍ରଶ୍ରୟ ଦେଉଛନ୍ତି । ଖଣି ଅଧିକାରୀ ଓ ପୋଲିସ ତାଙ୍କ ଦାୟିତ୍ୱ ସମ୍ପାଦନ କରି ନ ଥିବାରୁ କଳା ପଥର ଲୁଟ୍ ହେଉଛି । ସେ ଜଣେ ଭାଜପାର ସାଧାରଣ କର୍ମୀ ଓ ସୂଚନା ଅଧିକାର କର୍ମୀ । ତାଙ୍କ ପାଖରେ ଯେଉଁ ତଥ୍ୟ ଅଛି ଧର୍ମଶାଳା ଅଞ୍ଚଳରେ କୌଣସି ସୈରାୟତ ଓ କ୍ରଶର ଚାଲିପାରିବ ନାହିଁ । ଏନେଇ ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ତ ତଥ୍ୟ ପ୍ରମାଣ ସହିତ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବି ବୋଲି ବେହୁରା କହିଛନ୍ତି ।

# ଜିଲାସ୍ତରୀୟ ସୁରଭିରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ ରାଜ୍ୟସ୍ତରରୁ ବାଦ୍

ପଟ୍ଟାମୁଣ୍ଡାଇ,୧୧।୧୧ (କଳ୍ପତରୁ ନାୟକ)



ଜିଲାସ୍ତରୀୟ ସୁରଭିରେ ପ୍ରଥମ ହୋଇଥିବା ଅନନ୍ୟା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

■ ଡିଇଓଙ୍କ ପାତରଅନ୍ତର, ଜିଲାପାଳଙ୍କୁ ଅଭିଯୋଗ
■ ଆଇନର ଆଶ୍ରୟ ନେବାକୁ ଚେତାବନୀ

କେନ୍ଦ୍ରାପଡ଼ା ଜିଲାରେ ମାସେ ଧରି ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା କ୍ଲଷ୍ଟର ଓ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପରେ ୮ ତାରିଖରେ ଜିଲାସ୍ତରୀୟ ସୁରଭି ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପୂର୍ବକ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ମାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗାଁର ଏମ୍ଏନ୍ ହାଇସ୍କୁଲ ଛାତ୍ରୀ ଅନନ୍ୟା ମହାଲିକ ପ୍ରବନ୍ଧ ଲିଖନରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏ ନେଇ ଅନନ୍ୟାଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇ ପ୍ରଥମ ସ୍ଥାନର ଟ୍ରଫିପ୍ରଦାନ କରାଯାଇଥିଲା। ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ତାଙ୍କୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ତାଲିକାରୁ ବାଦ୍ ଦିଆଯାଇ ଅନ୍ୟ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯିବା ନେଇ ସେ ଭାଙ୍ଗିପଡିଛନ୍ତି। ତାଙ୍କ ପରିବାର ପକ୍ଷରୁ ଝିଅର ନ୍ୟାୟ ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଜିଲା ସାଂସ୍କୃତିକ ଭବନଠାରେ ୮ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ବିଷୟ ଆଧାରିତ ଚିତ୍ରକଳା ଓ ଶିଳ୍ପକଳା ନୃତ୍ୟରେ ବ୍ଲକର କୃତୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରୁ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। କିନ୍ତୁ ଜିଲାସ୍ତରୀୟ ସୁରଭି ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ଼ ଲାଇନକୁ ଜଳାଞ୍ଜଳି ଦେଇ ଜିଲା ଶିକ୍ଷା ଅଧିକାରୀଙ୍କ ପାତରଅନ୍ତର ମନୋଭାବ ବଳରେ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅନନ୍ୟାଙ୍କୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ତାଲିକାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଯାହାକୁ ନେଇ ସୁରଭି କମିଟି, ବିଚାରକ ମଣ୍ଡଳୀ ଓ ଜିଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଛୋଟ ଶିଶୁ ଅନନ୍ୟାଙ୍କ ମନରେ ଏକ ଶକ୍ତ ମାନସିକ ଚାପ ଦେଇଛି। ଏ ନେଇ ଛାତ୍ରୀଙ୍କ ଅଭିଭାବକ ହରିଶ୍ଚନ୍ଦ୍ର ମହାଲିକ ଜିଲାପାଳଙ୍କୁ ଅଭିଯୋଗ କରିବା ସହ ରାଜ୍ୟ ଗଣଶିକ୍ଷା ବିଭାଗଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଆଇନର ଆଶ୍ରୟ ନେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏମ୍ଏନ୍ ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ସମ୍ପାଦକ ଇତିଶ୍ରୀ ମହାନ୍ତି, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ସଭ୍ୟ ମହେଶ୍ୱର ସାମଲ, ଦେବାଶିଷ ପ୍ରଧାନ ପ୍ରମୁଖ କହିଛନ୍ତି, ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଜିଲା ପ୍ରଶାସନ ଯେଉଁ ବିଚାରକଙ୍କୁ ଚୟନ କରିଥିଲେ ସେମାନେ ସରକାରଙ୍କ ନିୟମକୁ ଉପେକ୍ଷା କରିଛନ୍ତି। ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଚୟନରେ ପକ୍ଷପାତିତା ଅନିୟମିତତାକୁ ଯୋଗୁ ରାଜ୍ୟସ୍ତରରେ କେହି କୃତିତ୍ୱ ପାଇ ପାରୁନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରେ କୋଡିଂରେ ତ୍ରୁଟି ଯୋଗୁ ଏଭଳି ହୋଇଥିଲା। ଉକ୍ତ ଖାତାକୁ ପୁଣେଇ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଛି ବୋଲି ସେ କହିଛନ୍ତି।

# ପିଲା ଚୋରି ଅଭିଯୋଗରେ ଯୁବକଙ୍କୁ ମାଡ଼


ପିଲା ଚୋରି କରୁଥିବା ସ୍ତ୍ରୀସ୍ୱାମୀଙ୍କୁ ପଞ୍ଚାୟତ ଘରେ ଗାଁ ଲୋକ ପୂରାଇ ଦେଇଛନ୍ତି।


ପିଲା ଚୋରି କରିଥିବା ସନ୍ତୋଷ ସିଂ ବାଞ୍ଜରା।

ପଟ୍ଟାମୁଣ୍ଡାଇ, ୧୧।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିମପୁର ଶାସନ ଗାଁରେ ସୋମବାର ସକାଳ ସାଢ଼େ ୮ଟାରେ ଜଣେ ଯୁବକ ପିଲା ଚୋରିକରି ନେଇ ଯାଉଥିବାବେଳେ ଗ୍ରାମବାସୀ ଧରି ନିସ୍ତୁକ ମାଡ଼ ମାରିଛନ୍ତି। ଖବରପାଇ ଆଇଆଇସି ପଦ୍ମାଳୟା ପ୍ରଧାନ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କଠାରୁ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ପରେ ଥାନାକୁ ଆଣି ଅଟକ ରଖି ପଚରାଉଚରା କରାଯିବାରେ ସେମାନଙ୍କ ଘର ମଧ୍ୟପ୍ରଦେଶ ବୋଲି କହିଛନ୍ତି।

## ଲୋକେ ଥାନାର ଜିମା ଦେଲେ

ସେମାନଙ୍କ ନାମ ହେଉଛି ସନ୍ତୋଷ ସିଂ ବାଞ୍ଜରା, ସ୍ତ୍ରୀ ମମତା ସିଂ ବାଞ୍ଜରା।

ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତା ଶାସନ ଛକରେ ଜଣେ ମହିଳାପୁରୁଷ ଏକ ବାଇକ୍‌ରେ ପ୍ଲାଷ୍ଟିକ ଡବା ବିକ୍ରି କରିବାକୁ ଆସିଥିଲେ। ନିମପୁର ଶାସନ ଗାଁର ଅରୁଣ ମଲିକଙ୍କ ୫ ବର୍ଷର ପୁଅ ସାଇଙ୍କୁ ଡବାରେ ପୂରାଇ ସେମାନେ ନେଉଥିବା ବେଳେ ଅନ୍ୟ ଏକ ପିଲା ଦେଖି ପାଟିକରି ଚିଲାଇଥିଲେ। ଏହା ଜାଣି ଗ୍ରାମବାସୀ ୨ଜଣଙ୍କୁ ଅଟକାଇ ନିସ୍ତୁକ ପିଟି ପଞ୍ଚାୟତ ଗୃହରେ ଅଟକ ରଖିଥିଲେ। ଘଟଣାସ୍ଥଳରୁ କ୍ଷତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଶିଶୁଟିକୁ ଉଦ୍ଧାର କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଦୋଷୀଙ୍କୁ ପୋଲିସ ଗାଡ଼ିରେ ନେବା ସମୟରେ ସାଧାରଣ ଜନତା ପୋଲିସକୁ ମଧ୍ୟ ଛାଡ଼ି ନ ଥିଲେ। ଦୀର୍ଘ ୨ ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ଆଇଆଇସି ପ୍ରଧାନ ନିଜେ ଗ୍ରାମବାସୀଙ୍କୁ ବହୁ ବୁଝାସୁଝା ପରେ ୨ଜଣକୁ ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖିଛି। ତେବେ ସେମାନେ ପ୍ରକୃତରେ ପିଲା ଚୋର ନା ଅନ୍ୟ କେହି ସେ ନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସିପାରିନାହିଁ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଆଳି ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ, କର୍ମକର୍ତ୍ତା ନିର୍ବାଚନ

ଆଳି,୧୧।୧୧ (ବନମାଳୀ ସେନାପତି)

ଆଳି ବ୍ଲକ୍ ଅନ୍ତର୍ଗତ ଚଣ୍ଡିଆଗଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ସଭାପତି ସୁଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ ସମ୍ପାଦକ ପ୍ରଣବ ଜେନା, କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ଭଗବାନ ସାହୁ ଯୋଗଦେଇଥିବାବେଳେ ପୂର୍ବତନ ଶିକ୍ଷା ପ୍ରଦୀପ ସମ୍ପାଦକ କାଳିପ୍ରସାଦ ନାୟକ, ବିଜୟ ଦାସ, ବାସୁଦେବ ମଲ୍ଲିକ, ରବୀନ୍ଦ୍ର ବେହେରା, ଅଶୋକ ମହାପାତ୍ର, ପାର୍ଥସାରଥି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ନାନା ବିଧ ସମସ୍ୟା ସମାଧାନ ଦିଗରେ ଓଷ୍ଟାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓଷ୍ଟା ଉପ ସଭାନେତ୍ରୀ ରୀନା ରାଉତ, ରାଜକନିକା ବ୍ଲକ ଓଷ୍ଟା ସଭାପତି ସଞ୍ଜୟ ସାମଲ, ସମ୍ପାଦକ ଅରବିନ୍ଦ ନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତିଥିକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ମନୋନୟନ ପ୍ରକ୍ରିୟାରେ ଆଗାମୀ ୩ ବର୍ଷ ପାଇଁ ଆଳି ବ୍ଲକ ଓଷ୍ଟା କମିଟି ଗଠନ କରାଯାଇଥିଲା। ନୂତନ ଭାବେ ଗଠିତ ବ୍ଲକ୍ କମିଟିରେ ସଭାପତି ଭାବେ ସୁଶାନ୍ତ କର, ଉପସଭାପତି ଅଜୟ ପଣ୍ଡା ଓ ରଶ୍ମିତା ସେନାପତି ମନୋନୀତ ହୋଇଥିଲେ। ସମ୍ପାଦକ ଭାବେ ଦେବରାଜ ନାୟକ ଓ ଯୁଗ୍ମ ସମ୍ପାଦକ ଭାବେ ଶିବପ୍ରସାଦ ସାହୁ, ପୁରୁଷୋତ୍ତମ ଦାସ, ଦୀପ୍ତିମୟୀ ରାଉତ ମନୋନୀତ ହୋଇଛନ୍ତି। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିରଞ୍ଚି ନାରାୟଣ ମହାପାତ୍ର, ସୁଶାନ୍ତ ନାୟକ, ସତ୍ୟାନନ୍ଦ ବାରିକ, ଅମୂଲ୍ୟ ରାଉତ, ହେମନ୍ତ ଦାସ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିନୋଦ ବିହାରୀ ଦେ, ନିରଞ୍ଜନ ମିଶ୍ର, ଅମିୟ କର ମନୋନୀତ ହୋଇଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ବିଶ୍ୱାଳ ଅତିଥି ପରିଚୟ ଦେଇଥିବା ବେଳେ ଶୁଭ୍ରକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଡେରାବିଶ, ୧୧।୧୧ (ବେବର୍ତ୍ତା ଅଜୟ ଦାସ)



■ ପ୍ରସାଦ ଖାଉଥିବା ଲୋକଙ୍କ ପତ୍ରରେ ଧୂଳି ପକାଇ ଗୋଡ଼ରେ ଚକଟିଲେ
■ ମନ୍ଦିର ଭିତରୁ ଠାକୁରଙ୍କ ପୂଜା ସାମଗ୍ରୀ ବାହାରକୁ ଫିଙ୍ଗିଦେଲେ
■ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ହଳଦିଆପାଟଣାସ୍ଥିତ ସିଦ୍ଧ ମହାପୁରୁଷଙ୍କ ପୀଠରେ ସୋମବାର ଜଣେ ମଦ୍ୟପ ଯୁବକ ଉନ୍ମତ୍ତକାଣ୍ଡ ଓ ଅତି ଅମାନବୀୟ କାର୍ଯ୍ୟ ଭିଆଇ ଗ୍ରାମବାସୀଙ୍କୁ ଆତଙ୍କିତ କରିଦେଇଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, କାର୍ତ୍ତିକ ମାସର ପଞ୍ଚକ ପାଇଁ ମଧ୍ୟାହ୍ନରେ ମଠ ପରିସରରେ ଠାକୁରଙ୍କ ପ୍ରସାଦ ଗ୍ରାମବାସୀ ଖାଉଥିବା ବେଳେ ହଠାତ ମଦ୍ୟପ ଯୁବକ ଜଣକ ମଠ ପରିସରରେ ପ୍ରବେଶ କରି ଲୋକମାନଙ୍କୁ ଟେକା ପଥର ମାଡ଼ କରିଥିଲେ। ଫଳରେ ପ୍ରସାଦ ସେବନ କରୁଥିବା ଗ୍ରାମବାସୀ ଭୟଭୀତ ହୋଇ ଖାଦ୍ୟ ଛାଡ଼ି ଦୌଡ଼ିବା ଆରମ୍ଭ କରିଥିଲେ। ତେବେ ଏତିକିରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଅଟକି ନ ଥିଲେ। ବରଂ ଉକ୍ତ ଯୁବକ ପତ୍ରରେ ବଢ଼ାଯାଇଥିବା ଖାଦ୍ୟରେ ଧୂଳି ପକାଇ ଖାଦ୍ୟକୁ ଗୋଡ଼ରେ ଚକଟି ଦେଇଥିଲେ। ମନ ଶାନ୍ତି ନ ହେବାରୁ ମଦ୍ୟପ ଯୁବକ ମହାପୁରୁଷଙ୍କ ମନ୍ଦିରରେ ପ୍ରବେଶ କରି ଭିତରେ ରହିଥିବା ବିଭିନ୍ନ ପୂଜା ସାମାଗ୍ରୀକୁ ଲୋକଙ୍କ ଉପରକୁ ଫୋପାଡ଼ିବା ସହ ମହାପୁରୁଷଙ୍କ ତ୍ରିଶୂଳ ଧରି ପଦାକୁ ବାହାରି ଆସିଥିଲେ। ପରେ ତ୍ରିଶୂଳକୁ ମାଟିରେ ପୋତି ଏହାକୁ ପୂଜା କରିବା ପରେ ଯୁବକ ଜଣକ ଅତି ଅମାନୁଷିକ ଭାବେ ତାଣ୍ଡବ ରଚିଥିଲେ। ମଠ ପରିସରରେ ରହିଥିବା ବାଇକ୍ ଓ ଅଟୋ ଭଙ୍ଗାରୁଜା କରିବା ସହ ତ୍ରିଶୂଳ ଧରି ଉପସ୍ଥିତ ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଫଳରେ କେତେଜଣ ଗ୍ରାମବାସୀ ଆହତ ହୋଇଥିବା ନେଇ ଓାର୍ଡମେମ୍ବର ଗିରିଶ ମଲିକଙ୍କ ସୂଚନାରୁ ଜଣାଯାଇଛି। ପରେ ଗ୍ରାମବାସୀ ଉକ୍ତ ମଦ୍ୟପକୁ କାବୁ କରି ଏକ ଘରେ ପୂରାଇ ଦେଇ ଏହି ଘଟଣା ବାବଦରେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ଥିଲେ ମଧ୍ୟ ମଦ୍ୟପ ଯୁବକ ଜଣକ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ନେଇ ଥାନାଧିକାରୀ ମଲିକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି।

# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ରାଜକନିକା, ୧୧।୧୧ (ସଞ୍ଜୟ କୁମାର ଦାଶ)

ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରାଜକନିକା ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମୂହର କେନ୍ଦ୍ରାପଡ଼ା ଜିଲା ପ୍ରଭାରୀ କପିଳ ଚରଣ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଜ୍ଞାନ ମିଶନର ବାବା ବିଶ୍ୱରୂପା ନନ୍ଦ, ବିଦ୍ୟା ମନ୍ଦିରର ସଭାପତି ପ୍ରବୀର କୁମାର ଦେଓ ଏବଂ କୋଷ ପ୍ରମୁଖ ରାଜକିଶୋର ଧଳ, ସେବା ନିବୃତ୍ତ ଶିକ୍ଷକ ପ୍ୟାରୀମୋହନ ସ୍ୱାଇଁ, ପଣ୍ଡିତ ଶିବ ନାରାୟଣ ରଥ, ବଟକୃଷ୍ଣ ପଣ୍ଡା, ନରେନ୍ଦ୍ର କୁମାର ପଣ୍ଡା, ମିନତି କାଠ, ବୈଜୟନ୍ତୀ ଦାଶ ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ଜିଲା ବିକାଶ ପାଇଁ ସହଯୋଗର ହାତ ଆବଶ୍ୟକ

କେନ୍ଦ୍ରାପଡ଼ା, ୧୧।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦର ପ୍ରତିଷ୍ଠା ଦିବସ ବୈଠକ ସହରର ଖଡ଼ିଅଙ୍ଗସ୍ଥିତ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ମଧୁସୂଦନ ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବିକାଶକୁ ଗୁରୁତ୍ୱ ଦେଇ ଆଲୋଚନା ହୋଇଥିଲା। ଏଥିସହ ଜିଲାର ସବୁବର୍ଗର ବ୍ୟକ୍ତି ସମ୍ମିଳିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଉପସଭାପତି ଅମ୍ବିକା ପ୍ରସାଦ ଦାସ କହିଥିଲେ, ଜିଲା ସଂସ୍କୃତି ଭବନର ଭିତ୍ତିଭୂମି ପକାଇବାଠାରୁ କଟକ-ଚାନ୍ଦବାଲି ରାସ୍ତାର ପ୍ରଶସ୍ତୀକରଣ ଆଦି ବିକାଶ କାର୍ଯ୍ୟର ପ୍ରାୟସକୁ ପରିଷଦ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀବଳଦେବଜୀଉଙ୍କ ଭୂସମ୍ପତ୍ତି ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ତେବେ ପରିଷଦ ପକ୍ଷରୁ ପ୍ରସ୍ତୁତ ଭିଜନ ଡକ୍ୟୁମେଣ୍ଟକୁ କାର୍ଯ୍ୟକାରୀ କରାଇବାକୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟିକୁ ଜିଲାର ସବୁବର୍ଗର ଲୋକେ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଏକାଠି ହେବାର ଆବଶ୍ୟକତା ରହିଛି। ବୈଠକରେ ଶିକ୍ଷାବିତ ଅଜୟ ସାମଲ, ନନ୍ଦ କିଶୋର ପରିଡ଼ା, ଗବେଷକ ଡ. ବାସୁଦେବ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ୍ କୁମାର ସାହୁ, ଯୁବନେତା ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂଯୋଜକ ଅମୀୟ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ବୈଠକ ଉପସ୍ଥିତ ସଦସ୍ୟମାନେ।

# ୩୦୧ ଅଭିଯୋଗ ପଞ୍ଜୀକୃତ

## ରାଜନଗରରେ ମିଳିତ ଅଭିଯୋଗ ଶୁଣାଣି ଶିବିର


ଅଭିଯୋଗ ଶୁଣାଣିରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଅନ୍ୟମାନେ।

ରାଜନଗର, ୧୧।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ପରିସରରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନା, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଅଜିତ ନାରାୟଣ ଗିରି, ରାଜନଗର ମୁଖ୍ୟ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମହାନ୍ତି, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ।

ଏଥିରେ ମୋଟ୍ ୩୦୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାବେଳେ ସେଥି ମଧ୍ୟରୁ ୧୧ଟି ସାମୂହିକ ଏବଂ ୨୯୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହୀନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ରାଶନ କାର୍ଡ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ବାତ୍ୟା ଦାନାରେ ଘର ଭଙ୍ଗା ସହାୟତା ପ୍ରଦାନ ନିମନ୍ତେ ଆବେଦନ ପତ୍ର ଥିଲା। ଶିବିରରେ ଡେରା ସରପଞ୍ଚ ନିରଞ୍ଜନ ରାଉତ କାଠପାଙ୍ଗରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ବିଦ୍ୟୁତ୍ ଆଘାତରେ ୩ଟି ଛେଳି ମରିଛନ୍ତି। ବିଦ୍ୟାଳୟର ପିଲାମାନେ ସେଠାରେ ଖେଳାଖେଳି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ସାତଭାୟା ଥଇଥାନରେ ୨୭ କୋଟି ଟଙ୍କାର କାର୍ଯ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉ ନ ଥିବା ନେଇ ଡ. ଧରଣୀଧର ରାଉତ ଅଭିଯୋଗ କରିଥିଲେ। ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଓ ପ୍ରାଣୀ ଚିକିତ୍ସାଳୟ ରାସ୍ତା ଅବରୋଧ ଯୋଗୁ ସେଠାକୁ ଯାଇ ହେଉନାହିଁ। ତୁରନ୍ତ ରାସ୍ତା ଅବରୋଧ ହଟାଇବାକୁ ଗ୍ରାମବାସୀ ଦାବି କରିଥିଲେ। ରାଜନଗର ଗାଁର ପ୍ରଦୀପ ସେଠୀ ଓ ଚନ୍ଦ୍ରକାନ୍ତ ସେଠୀ ଛାତ ପର୍ଯ୍ୟନ୍ତ ଘର କାମ ୩ ମାସ ତଳୁ ସାରିଥିଲେ ମଧ୍ୟ ଦ୍ୱିତୀୟ କିସ୍ତି ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ମିଳୁ ନ ଥିବା ନେଇ ଅଭିଯୋଗ କରିଥିଲେ। ସେଇଭଳି କେରଡ଼ାଗଡ଼ ଜଗନ୍ନାଥ ମନ୍ଦିରର ଜାଗାକୁ ଲୋକେ ମାଡ଼ି ବସିଛନ୍ତି। ଫଳରେ ମନ୍ଦିର କାମ କରି ହେଉନାହିଁ ସେମାନଙ୍କୁ ତୁରନ୍ତ ଉଚ୍ଛେଦ କରିବାକୁ ଗାଁର ନବକିଶୋର ବାରିକ, ରାଧାକୃଷ୍ଣ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି।

# ସମୁଦ୍ର ବେଳାଭୂମିରେ ଜୁଆର ପ୍ରତିରୋଧକ ବନ୍ଧ ଦାବି

## ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଏରସମା, ୧୧।୧୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସଭା ଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦ୍ର ଉପକୂଳରେ ଲୁଣା ଜୁଆର ପ୍ରତିରୋଧକ ବନ୍ଧ ନିର୍ମାଣ କରିବାକୁ ଉପକୂଳ ସୁରକ୍ଷା ସମିତିର ଆବାହକ ଅରୁଣ କୁମାର ବେହେରା ଦାବି କରିଥିଲେ। ଦାବି ମୁତାବକ, ୨୫ ବର୍ଷ ହେଲା ଦେବୀନଦୀ ମୁହାଣଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ସବୁଦ୍ର ଉଚ୍ଚ ଲୁଣା ଜୁଆର ସୃଷ୍ଟି ହେଉଛି। ଏହାଦ୍ୱାରା ଉପକୂଳ ଜଙ୍ଗଲ କ୍ଷୟ ହେବା ସହ ଲୁଣା ଜୁଆର କୂଳ ଲଂଘୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଗତ ସରକାର ସମୟରେ ପ୍ରତିରୋଧକ ବନ୍ଧ ପାଇଁ ୨୫ କୋଟି ଅର୍ଥ ବ୍ୟୟବରାଦ ହୋଇଥିଲା ବୋଲି ଖବର ପ୍ରଚାର କରାଯାଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇନାହିଁ। ଏହାକୁ ବିଚାରକୁ ନେଇ କାର୍ଯ୍ୟକାରୀ କରିବାକୁ ସମିତିର ଆବାହକ ବେହେରା ଦାବି କରିଛନ୍ତି। ଏଥିରେ ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ହୋଇ ୧୮୩ ଅଭିଯୋଗର ଶୁଣାଣି କରିଥିଲେ। ସେଥିରେ ବ୍ୟକ୍ତିଗତ ୧୬୮, ଗୋଷ୍ଠୀଗତ ୧୫, ଆବାସ ଯୋଜନା ଉପରେ ୬୮, ଜମିଜମା ୩୪ ସହ ଅନ୍ୟାନ୍ୟ ଅଭିଯୋଗ ରହିଛି। ଏଥିରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ,ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଦାଶରଥି ଜେନା, ତହସିଲଦାର ଦେବୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।

# ଜଙ୍ଗଲ କିସମ ଜମିରେ ବେଆଇନ ହୋଟେଲ, ଜିଲାପାଳଙ୍କୁ ଦାବିପତ୍ର

ରାଜନଗର, ୧୧।୧୧ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଭିତରକନିକା ଅଞ୍ଚଳରେ ଜଙ୍ଗଲ କିସମ ଜମିରେ ବେଆଇନ ହୋଟେଲ ନିର୍ମାଣ କରାଯାଇଛି। ଏପରିକି ବନ ବିଭାଗର କର୍ମଚାରୀ ମଧ୍ୟ ଜଙ୍ଗଲ ଜମିରେ ବେଆଇନ ହୋଟେଲ ନିର୍ମାଣ କରିଛନ୍ତି। ସୋମବାର ଭିତରକନିକା ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ନେଇ ଅଭିଯୋଗ କରାଯିବା ସହ ତୁରନ୍ତ ବେଆଇନ ହୋଟେଲକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଭିତରକନିକା ଜାତୀୟ ଉଦ୍ୟାନକୁ ସ୍ଥଳପଥରେ ପ୍ରବେଶ ପଥ ଡାଙ୍ଗମାଳ ପଞ୍ଚାୟତର ବାଙ୍କୁଆଳଠାରେ ରହିଛି। ବାଙ୍କୁଆଳ ଗାଁରେ ଥିବା ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ଏହି ଜମିଗୁଡିକ ଡିଏଲ୍‌ସି (ଜିଲାସ୍ତରୀୟ କମିଟିକୁ) ୨୦୦୮ରୁ ହସ୍ତାନ୍ତର କରାଯାଇଛି। ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ଡିଏଲ୍‌ସିକୁ ହସ୍ତାନ୍ତର ସରିଥିବା ବେଳେ ଏବେ ସେଠାରେ ଜଙ୍ଗଲ ପରିବର୍ତ୍ତେ ବ୍ୟବସାୟିକ ହୋଟେଲ ଓ ରିସର୍ଟ କିପରି ଗଢ଼ି ଉଠିଥିବା ନେଇ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ ବାଙ୍କୁଆଳ ମୌଜାର ଖାତା ନଂ. ୭, ପ୍ଲଟ୍ ନଂ. ୯୨ ଜଙ୍ଗଲ କିସମ ଜମିରେ ହୋଟେଲ ଭିତରକନିକା ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜାର ଖାତା ନଂ.୭, ପ୍ଲଟ୍ ନଂ. ୩୯ ଜଙ୍ଗଲ କିସମ ଜମିରେ ରହିବା ଓ ଖାଇବାର ହୋଟେଲ ରେଡକ୍ରାବ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଖାତା ନଂ. ୭, ପ୍ଲଟ ନଂ. ୮୫ ଜଙ୍ଗଲ କିସମ ଜମି, ଖାତା ନଂ. ୯, ପ୍ଲଟ୍ ନଂ. ୮୬, ଜଙ୍ଗଲ କିସମ ଜମି ଓ ଖାତା ନଂ. ୭ ପ୍ଲଟ୍ ନଂ. ୮୭ ପତିତ ଜମି, ୩ଟି ପ୍ଲଟ୍‌ରେ ୩ ମହଲା ବିଶିଷ୍ଟ ହୋଟେଲ କନିକା ସୁନ୍ଦରୀ ନିର୍ମାଣ ହୋଇଛି। ଡିଏଲ୍‌ସିକୁ ହସ୍ତାନ୍ତର ହୋଇସାରିଥିବା ଜଙ୍ଗଲ କିସମ ଜମିରେ ୪ଟି ହୋଟେଲ ଗଢ଼ି ଉଠିଛି। ଇଞ୍ଚେ ବି ଜମି ପଟ୍ଟା ନ ଥାଇ ଜଙ୍ଗଲ ଜମିରେ କିପରି ହୋଟେଲ ଓ ରିସର୍ଟ ଗଢ଼ି ଉଠିବା ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ସ୍ୱାମୀ ସ୍ତ୍ରୀ ସରକାରଙ୍କ ଉଚ୍ଚ ପଦବୀରେ ଚାକିରି କରି ମଧ୍ୟ ଜଙ୍ଗଲ ଜମିରେ ଏବେ ବି ୩ ମହଲା ବିଶିଷ୍ଟ ହୋଟେଲ ନିର୍ମାଣ ଜାରି ରଖିଛନ୍ତି। ପ୍ରଶାସନ ଓ ବନ ବିଭାଗ ଏହି ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ନ କରି ୩ ମହଲା ହୋଟେଲ ନିର୍ମାଣ ପାଇଁ ଛାଡି ଦେବା ଘଟଣା ଭିତରକନିକା ଓ ପରିବେଶପ୍ରେମୀମାନଙ୍କୁ ଆଘାତ ଦେଇଛି। ଜୁଲାଇରେ ରାଜନଗର ତହସିଲ ପକ୍ଷରୁ ଡିଏଲ୍‌ସିକୁ ହସ୍ତାନ୍ତର ହୋଇଥିବା ଜଙ୍ଗଲ କିସମ ଜମିରେ ଚାଲିଥିବା ୪ଟି ହୋଟେଲକୁ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ ମଧ୍ୟ ଆଜିଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଥିବାରୁ ଭିତରକନିକା ସୁରକ୍ଷା ସମିତି ଦାବି ପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ୧୫ଦିନ ମଧ୍ୟରେ ଭିତରକନିକା ନିକଟରେ ନିର୍ମାଣ ହୋଇଥିବା ବେଆଇନ ହୋଟେଲ ଓ ରିସର୍ଟକୁ ଭାଙ୍ଗିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭିତରକନିକା ସୁରକ୍ଷା ସମିତି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ। ପରବର୍ତ୍ତୀ ପରିସ୍ଥିତି ପାଇଁ ପ୍ରଶାସନ ବିଭାଗ ଦାୟୀ ରହିବ ବୋଲି ଭିତରକନିକା ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଭେଟି ପ୍ରଶାସନକୁ ଅବଗତ କରିଛନ୍ତି।

# ସାତଭାୟାରେ ପହଞ୍ଚି ସ୍ଥିତି ପରଖିଲେ ଜିଲାପାଳ

## ଅନାହାରରେ ଶହ ଶହ ଗୋରୁ ପ୍ରସଙ୍ଗ

ରାଜନଗର, ୧୧।୧୧ (ଭାସ୍କର ରାଉତରାୟ)

ସାତଭାୟାର ପୁରୁଣା ଜନବସତି ଅଞ୍ଚଳରେ ସମୁଦ୍ର କୂଳରେ ଥିବା ପ୍ରାୟ ୮ ଶହରୁ ଅଧିକ ଗୋରୁଙ୍କର ଅବସ୍ଥା ଏବେ ସଙ୍କଟଜନକ ସ୍ଥିତିରେ। ବାତ୍ୟା 'ଦାନା'ରେ ଯେତିକି ଗୋରୁ ମରିଛନ୍ତି, ତା' ଠୁଁ ଅଧିକ ଗୋରୁ ସପ୍ତାହକ ମଧ୍ୟରେ ଅନାହାରରେ ମରି ସାରିଲେଣି। ସୋମବାର ଖବର ପ୍ରକାଶ ପାଇବା ପରେ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ରଙ୍କ ସହ କୃଷି, ପ୍ରାଣୀ ଚିକିତ୍ସା ଓ ବନ ବିଭାଗର ଅଧିକାରୀମାନେ ସାତଭାୟାରେ ପହଞ୍ଚିଛନ୍ତି। ବାଉଁଶଗଡ଼ି ନଦୀ ପାରହୋଇ ବାଇକ୍ ଯୋଗେ ସାତଭାୟାରେ ପହଞ୍ଚିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଓ ଜୁଆର ଥିବାରୁ ଅନାହାରରେ ଥିବା ଗୋରୁଙ୍କ ନିକଟରେ ପହଞ୍ଚିପାରି ନ ଥିଲେ। ମାତ୍ର ପୁରୁଣା ସାତଭାୟାରେ ଲୁଣି ପାଣି ମାଡ଼ିଯାଇଥିବା ଓ ଗୋରୁଙ୍କ ଖାଦ୍ୟାଭାବ ପ୍ରସଙ୍ଗରେ ତଦନ୍ତ କରି ଫେରିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଦାନାରେ ରାଜନଗର ବ୍ଲକ୍‌ରେ ଗୋଟିଏ ବି ଗୋରୁ ମରି ନ ଥିବା ନେଇ ଜିଲା ପ୍ରଶାସନ ରିପୋର୍ଟ ଦେଇଥିବା ବେଳେ ସାତଭାୟାରେ ୫୦ରୁ ଊର୍ଦ୍ଧ୍ୱ ଗୋରୁ ମରିଥିବା ସାତଭାୟାବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସାତଭାୟାର ପ୍ରଫୁଲ୍ଲ ଲେଙ୍କା ତାଙ୍କର ୩ଟି ଗାଈ , ଗୋଟିଏ ବଳଦ, ଗୋଟିଏ ବାଛୁରି, ୫ଟି ମଇଁଷି, ୧୩ ଛେଳି, ବଇଲୋଚନ ବେହେରାଙ୍କର ୨ଟି ଗାଈ, ଗୋଟିଏ ବାଛୁରି ଓ ୧୨ଟି ଛେଳି ମରିଥିବା ଓ ତ୍ରିଲୋଚନ ବେହେରାଙ୍କର ଗୋଟିଏ ଗାଈ ଓ ଗୋଟିଏ ବାଛୁରି ମରିଥିବା ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାଣୀ ବିଭାଗ ଟିମ୍ ସାତଭାୟାରେ ପହଞ୍ଚି ତଦନ୍ତକରି ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରଧାନ କହିଛନ୍ତି।

**ରାସ୍ତାରୁ ମୃତଦେହ ଜବତ**

**ନୟାଗଡ଼, (ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର ମାଙ୍କପଲ୍ଲୀ ବାଇପାସ୍ ରାସ୍ତା ନିର୍ମାଣାଧୀନ ଥିବାବେଳେ ବାଙ୍କ ଶାଲୁଆ ଗାଁ ନିକଟବର୍ତ୍ତୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ମୃତଦେହ ସୋମବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କର ନାଁ ଖଦାଳ ମାଝି (୪୫), ଘର ଶରଣକୁଳ ଥାନା କନ୍ଦଗମ୍ଭାଡ଼ି ଗାଁରେ। ଖଦାଳ ରଘୁନାଥପ୍ରସାଦ ଗାଁରୁ ଷଠିଆପଲ୍ଲୀ ଅଭିମୁଖେ ଶ୍ୱଶୁର ଘରକୁ ବାଇକ୍ ଯୋଗେ ଫେରୁଥିଲେ। ବାଙ୍କଶୁଳିଆ ଗାଁ ନିକଟରେ ବାଇପାସ୍ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ମାଟି ଗଦା ହୋଇଛି। ତାହାରି ଉପରେ ତାଙ୍କ ମୃତଦେହ ପଡ଼ିଥିଲା। ତାଙ୍କୁ କିଏ ମାରିଛି ନାଁ ଦୁର୍ଘଟଣାରେ ମୃତ୍ୟୁ ଘଟିଛି ଜଣାପଡିନି।

# ୭ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ

ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ୫ମ କନିଷ୍ଠ ବିଭାଗର ୪୬ ପ୍ରକଳ୍ପ ଓ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବିଭାଗର ୧୦୬ ପ୍ରକଳ୍ପ ଏପରି ମୋଟରେ ୧୫୨ ପ୍ରକଳ୍ପ ସ୍ଥାନ ପାଇଥିଲା। ତେବେ ବରିଷ୍ଠ ବିଭାଗରୁ ଘଡୁଆଳ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମୃତିରାଣୀ ସେଠୀ, ଆଙ୍କୁଲାଇ ହାଇସ୍କୁଲ ମାନ୍ଧତାପୁରର ଓମ ପ୍ରକାଶ ଲେଙ୍କା, ଇଟାମାଟି ବାମନ ଅବକାଶ ହାଇସ୍କୁଲର ଆଶୁତୋଷ ମହାରଣା, ବାଲୁଗାଁ ଚଣ୍ଡୀ ହାଇସ୍କୁଲର ଆକାଂକ୍ଷା ପ୍ରୀୟଦର୍ଶିନୀ, ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଜ୍ଞାନ ରଞ୍ଜନ ପ୍ରଧାନ, ସାନପଣ୍ଡୁସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭ୍ର ସ୍ୱାଶ୍ୱତି ମହାପାତ୍ର, ନୟାଗଡ଼ ଆଦର୍ଶ ବିଦ୍ୟାଳୟର ଭବେଶ ତ୍ରିପାଠୀଙ୍କ ୭ ପ୍ରକଳ୍ପ ନୟାଗଡ଼ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ଉନ୍ନୀତ ହୋଇଛି।

ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ପ୍ରକଳ୍ପ ଦେଖୁଥିବାବେଳେ ପ୍ରକଳ୍ପଧାରୀମାନେ ପ୍ରକଳ୍ପ ଧରି ଘରକୁ ଯାଉଥିବା ଦେଖିବାକୁ ମିଳିଥିଲା। ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରକ୍ତି ହୋଇ ଫାଟକରେ ତାଲା ପକାଇଥିଲେ ମଧ ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷେ ମଞ୍ଚରେ ଏବିଇଓ ବସିବାର ବ୍ୟବସ୍ଥା ନ ଥିବାବେଳେ ଜଣେ ସିଆର୍‌ସିସି ଅତିଥିଙ୍କ ଚେୟାରରେ ବସିଥିଲେ। ଏ ନେଇ ସମାଲୋଚନା ହୋଇଥିଲେ ମଧ ସୁଫଳ ମିଳି ନ ଥିଲା। ସିଆର୍‌ସିସିଙ୍କୁ ମଞ୍ଚ ପରିଚାଳନାରେ ସହଯୋଗ କରିବାକୁ ଦିଆଯାଇଥିବାବେଳେ ଅତିଥିଙ୍କ ସହ ବସି ମଜା ନେବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। କନିଷ୍ଠ ବିଭାଗରେ ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ମହାନ୍ତି, ବାଉଁଶିଆପଡ଼ା ଦେଉଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଦିଶ ତ୍ରିପାଠୀ, ଘଡୁଆଳ ସରକାରୀ ହାଇସ୍କୁଲର ଦିପ୍ତୀ ମଞ୍ଜରୀ ମଲ୍ଲିକ, ଜଗତିପାଟଣାସାହିର ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଶ୍ୱ ରଞ୍ଜନ ବେହେରା, ନୟାଗଡ଼ ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟର ବିଜୟଲକ୍ଷ୍ମୀ ସାହୁ, ଦେଉଳପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଆୟୁଶ ଜେନା, କଇଥଗାଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦିତ୍ୟ ପ୍ରସାଦ ଦାସଙ୍କ ୭ ପ୍ରକଳ୍ପ ଅନୁରୂପ ଭାବେ ପୁରସ୍କୃତ ହୋଇଛି। ସଂପୃକ୍ତ ପ୍ରକଳ୍ପଧାରୀଙ୍କ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ ହୋଇନାହିଁ। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଇଟାମାଟି ସରପଞ୍ଚ ସ୍ୱପ୍ନାରାଣୀ ସେଠୀ ଓ ଏବିଇଓ ନିରଞ୍ଜନ ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଦେଇଥିଲେ। ଭାରପ୍ରାପ୍ତ ବ୍ଲକ ଶିକ୍ଷାଅଧିକାରୀ ଭାବେ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ସେଠୀଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟାମାଟି ସରପଞ୍ଚ ସ୍ୱପ୍ନାରାଣୀ ସେଠୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ ଓ ସଞ୍ଜୟ ମଲ୍ଲିକ ଅତିଥି ରୂପେ ଯୋଗ ଦେଇଥିଲେ। ତେବେ ଅଧିକାଂଶ ଅତିଥି ଅନୁପସ୍ଥିତ ଥିଲେ।



ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପକୁ ବିଚାରକମାନେ ବୁଲି ଚୟନ କରୁଛନ୍ତି।

- ନୟାଗଡ଼ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ
- ବିଚାରକ ପ୍ରକଳ୍ପ ଦେଖୁଥିବାବେଳେ ପ୍ରକଳ୍ପଧାରୀ ଘରକୁ ପଳାଇଲେ
- ସଭା ଚାଲୁଥିବାବେଳେ ଅତିଥି ଚେୟାରରେ ସିଆର୍‌ସିସି
- ଏବିଇଓଙ୍କ ପାଇଁ ମଞ୍ଚରେ ବ୍ୟବସ୍ଥା ନ ଥିଲା

# ୮୭ ଅଭିଯୋଗ ପଞ୍ଜୀକୃତ, ୧୪ ତତ୍କାଳ ସମାଧାନ

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

ଓଡ଼ଗାଁ,୧୧।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସ୍‌ପି ଏସ. ସୁଶ୍ରୀ, ଏସ୍‌ଡିପିଓ ସୁଧାକର ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଜିଲା ଅଧିକାରୀମାନଙ୍କ ଉପସ୍ଥିତ ଥିଲେ। ୮୭ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୮୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪ ଟି ସାମୂହିକ ଓ ୧ ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ରହିଥିଲା। ଶିବିରରେ ୧୪ଟି ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଜିଲା ଶିକ୍ଷାଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନଙ୍କ ସହ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଖାଉଟି କାଡରେ ଆଧାର ଏବଂ ମୋବାଇଲ୍ ଫୋନ୍ ଲିଙ୍କ୍ ସମ୍ପର୍କିତ ୩ ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ସେହିପରି ଭତ୍ତା ସମ୍ବନ୍ଧୀୟ ୨ ଅଭିଯୋଗର ସମାଧାନ କରାଯାଇଥିଲା। ଦିବ୍ୟାଙ୍ଗ ଗିରିଡିପଲ୍ଲୀର ସୁଦର୍ଶନ ନାୟକ ଓ ହରିହରପୁର ପଞ୍ଚାୟତର ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। କୁରାଳ ଗ୍ରାମରେ ଖୁଲମଖୁଲା ବେଆଇନ ଭାବେ ମଦ ବିକ୍ରିକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା।

# ଆକ୍ରମଣରେ ଭାଜପା ସମର୍ଥକ ପରିବାରର ୪ ଆହତ

ନୟାଗଡ,୧୧।୧୧(ଲୋକନାଥ ମିଶ୍ର)

ନୟାଗଡ ସଦର ଥାନା ଚଣ୍ଡିବସ୍ତ ଗାଁରେ ସୋମବାର ରାତିରେ ମିଳିତ ଆକ୍ରମଣରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ଏଥିରେ ଭାଜପା ସମର୍ଥକ ଗୋଟିଏ ପରିବାରର ବୁଢିଆ ପଲେଇ(୫୨), ମା’ ଶିଶୁଳା ପଲେଇ(୭୪), ପୁଅ ମନ ପଲେଇ(୨୪), ସ୍ତ୍ରୀ ଶୈଳ(୪୭) ଚଣ୍ଡିବସ୍ତର ପ୍ରମୁଖ ଆହତ ହୋଇଛନ୍ତି। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥାରେ ଉନ୍ନତି ନ ଆସିବାରୁ ଶୈଳଙ୍କୁ ଛାଡି ଦେଲେ ପରିବାରର ଅନ୍ୟ ୩ ସଦସ୍ୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିଜେଡିର କେତେଜଣ ସମର୍ଥକଙ୍କ ଆକ୍ରମଣରେ ଏଭଳି ବିବାଦୀୟ ପରିସ୍ଥିତି ଦେଖା ଦେଇଥିବା ଅଭିଯୋଗ ହୋଇଛି।

# ୨ ବାଇକ ମଧ୍ୟରେ ଧକ୍କାକୁ ନେଇ ଉତ୍ତେଜନା

**ହସ୍ତକ୍ଷେପ ପରେ ପୋଲିସକୁ ମାରପିଟ**

ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)

ଇଟାମାଟି ଥାନା ପ୍ରତାପପ୍ରସାଦରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ୨ ବାଇକ ମଧ୍ୟରେ ଦୁର୍ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସକୁ ଗାଳିଗୁଲଜ, ଠେଲାପେଲା ଓ ଧସ୍ତାଧସ୍ତି କରାଯାଇଥିବା ଅଭିଯୋଗ ରହିଛି। ଲାଠିପଡ଼ାର ଜଣେ ରଙ୍ଗମିସ୍ତ୍ରି ବାଇକ୍ ଯୋଗେ ନୟାଗଡ଼ ଦିଗକୁ ଆସୁଥିଲେ। ପଛ ପାଖରୁ ଭୁବନେଶ୍ୱରର ବାପ ଝିଅ ଆସୁଥିଲେ। ଉଭୟ ବାଇକ୍ ଧକ୍କା ପରେ ଚାପ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଦ୍ୱୟଙ୍କୁ ଥାନାକୁ ନେବାକୁ ଉଦ୍ୟମ କରିଥିଲେ। ଏଭଳି ସମୟରେ ଭୁବନେଶ୍ୱର ବାଇକ୍ ଚାଳକ ଏହାକୁ ବିରୋଧ କରି ଗଣ୍ଡଗୋଳ ଆରମ୍ଭ କରିଥିଲେ। ଏପରିକି ଘଟଣାସ୍ଥଳରେ ମୁତୟନ ପୋଲିସକୁ ଭୁବନେଶ୍ୱର ବାଇକ୍ ଚାଳକ ଓ କିଛି ସମ୍ପର୍କୀୟ ମିଳିତ ହୋଇ ଠେଲାପେଲା, ଧସ୍ତାଧସ୍ତି କରିଥିଲେ। ପରେ ବିବାଦ ଉଗ୍ରରୂପ ନେଇଥିଲା। ବାଇକ୍ ଦୁର୍ଘଟଣା ନେଇ ରଙ୍ଗମିସ୍ତ୍ରିଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ୬ ଜଣଙ୍କ ନାଁରେ ନଂ. ୨୬୬/୨୪ରେ ମାମଲା ରୁଜୁ କରିଛି। ସେହିପରି ପୋଲିସକୁ ଗାଳିଗୁଲଜ ଓ ମାରପିଟ୍ ପରେ ୫ଜଣଙ୍କ ନାରେ ନଂ. ୨୬୭/୨୪ରେ ମାମଲା ହୋଇଛି।

# ମଣ୍ଡଳସ୍ତରୀୟ ବାଲବିଜ୍ଞାନ ପ୍ରଦର୍ଶନୀ: ୧୪୨ ପ୍ରକଳ୍ପ

ଓଡଗାଁ, ୧୧।୧୧(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ମଣ୍ଡଳସ୍ତରୀୟ ୨୯ ତମ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସ୍ଥାନୀୟ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକା ତଥ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଏହି ସଭାରେ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନମେଳାରେ ସ୍ଥାନ ପାଇଥିବା ୧୪୨ ପ୍ରକଳ୍ପ ମଧ୍ୟରୁ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଥିବା ୭ ପ୍ରକଳ୍ପ ନୟାଗଡ଼ ଜିଲାସ୍ତରକୁ ଉନ୍ନୀତ ହୋଇଥିଲା। ଏତଦ୍ ବ୍ୟତୀତ ସବଜୁନିୟର ବିଭାଗର ୩ଟି ପ୍ରକଳ୍ପକୁ ପ୍ରୋତ୍ସାହନ ପାଇଁ ପୁରସ୍କୃତ କରାଯାଇଥିଲା। ୩ଟି ବିନ୍ଦୁ ଏକାଠୀ ମିଳିତ ହେଲେ ଯେପରି ଏକ ତ୍ରୀଭୁଜ ଗଠନ ହୋଇଥାଏ ଠିକ୍ ସେପରି ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକଙ୍କ ସାମୂହିକ ପ୍ରୟାସରେ ପିଲାମାନେ ଆଗକୁ ଯାଇପାରିବେ ବୋଲି ମୁଖ୍ୟ ଅତିଥି ବାଚସ୍ପତି ପାଢ଼ୀ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ପ୍ରଶ୍ନ ପରେ ପ୍ରଶ୍ନର ଉତ୍ତର ରଖିଲେ କିଛି ସମୟ ପରେ ଛାତ୍ର ତା’ର ଅଜାଣତରେ ଉତ୍ତର ନିକଟରେ ପହଞ୍ଚିଯାଏ। ପରେ ସେ ନିଜେ ଜଣେ ଆବିଷ୍କାରକ ହୁଏ ବୋଲି ଜିଲାପାଳ କହିଥିଲେ। ଶରୀର ବିଜ୍ଞାନ ବିଷୟରେ ବୁଝାଇବା ସହିତ ସତ କହିବା ପାଇଁ ମୁଖ୍ୟବକ୍ତା ବିଧାୟକ ସାହୁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଉପାଧ୍ୟକ୍ଷ ମୀରା ନାୟକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ବିଜ୍ଞାନ ମେଳାରେ ବାଚସ୍ପତି ସୁରମା ପଢୀ ଓ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା: ୧୨୮ ପ୍ରକଳ୍ପ



ଅତିଥିମାନେ ବିଜ୍ଞାନମେଳାରେ ପ୍ରଦର୍ଶିତ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

ଗଣିଆ,୧୧।୧୧(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଆଡ଼କଟା ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୦ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ରବୀନ୍ଦ୍ର ନାଥ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ବ୍ଲକ ଉପାଧ୍ୟକ୍ଷ ରାଜକିଶୋର ସାହୁ, ଆଡ଼କଟା ସରପଞ୍ଚ ସୁବାସିନୀ ବାରିକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ମହାଲିକ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପକ ଭାବେ ବନମାଳି ବାରିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରହଲ୍ଲାଦ କୁମାର ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ସମାଜରେ ବିଜ୍ଞାନ ସମ୍ପର୍କରେ ବୁଝାଇଥିଲେ। ଆୟୋଜିତ ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ୧୨୮ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରୀତିବାଳା ରଣା, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବିନୋଦିନୀ ପଣ୍ଡା, ଏବିଇଓ ରବୀନ୍ଦ୍ର ନାଥ ବେହେରା, ନିରୂପମା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଣ ଓ ପ୍ରଧାନ ଶିକ୍ଷକ ଅରବିନ୍ଦ ମହାଲିକ ପ୍ରମୁଖ ଯୋଗଦେଇଥିଲେ। ତେବେ ଜିଲାସ୍ତରକୁ ମନୋନୀତ ୭ଟି ପ୍ରକଳ୍ପ ମଧ୍ୟରୁ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିଆରୁ ୨ଟି, ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାଳୟ ଆଡକଟାରୁ ୧ଟି, ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ରାସଙ୍ଗରୁ ୨ଟି, ବେଲପଡ଼ାପାଟଣା ଦଧୀବାମନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧ଟି ଓ ଆଦର୍ଶ ବିଦ୍ୟାଳୟର ଗୋଟିଏ ପ୍ରକଳ୍ପ ରହିଛି।

# ଡେପ୍ଲୁୟଡ ପରେ ବି ସ୍କୁଲ ଛାଡୁନାହାନ୍ତି ଶିକ୍ଷୟିତ୍ରୀ

**ଜିଲାପାଳଙ୍କୁ ଫେରାଦ୍ ହେଲେ କେନ୍ଦୁଡ଼ିପି ବାସିନ୍ଦା**

ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ତମ ବେହେରା ନାମ୍ନୀ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲରେ ଡେପ୍ଲୁୟଡ କରାଯାଇଛି। ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଗତ ୨୯ ତାରିଖରୁ ବଦଳି ହେଲା ପରେ ବି ଅଦ୍ୟାବଧି ପୁରୁଣା ସ୍କୁଲ ଛାଡୁ ନାହାନ୍ତି। ଅନ୍ୟପକ୍ଷେ ଗତ ୪ ତାରିଖରେ ଡେପ୍ଲୁୟଡ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକ ରିଲିଫ୍ କରିବାକୁ ଚିଠି ଲେଖିଥିଲେ। ତେବେ ଶିକ୍ଷୟିତ୍ରୀ କିଛି ନ କହି ଚୁପ ରହିଥିଲେ। ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ ପୋଷ୍ଟାଲ ମାଧ୍ୟମରେ ରିଲିଫ ଅର୍ଡର ପ୍ରଦାନ କରିଥିଲେ। ଡେପ୍ଲୁୟଡ ଶିକ୍ଷୟିତ୍ରୀ ସ୍କୁଲ ଛାଡ଼ିବାକୁ ପ୍ରସ୍ତୁତ ନ ଥିବାରୁ ବିବାଦ ବଢ଼ିବାରେ ଲାଗିଛି। ଏଭଳିସ୍ଥଳେ ଗାଁ ଲୋକ, ପରିଚାଳନା କମିଟି ପକ୍ଷରୁ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ଶିକ୍ଷୟିତ୍ରୀଙ୍କ ଡେପ୍ଲୁୟଡ ଆଦେଶ ପ୍ରତ୍ୟାହାର ନ କରିବାକୁ ଅନୁରୋଧ କରିଛନ୍ତି।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମହେନ୍ଦ୍ର

ଖଣ୍ଡପଡ଼ା,୧୧।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ମହେନ୍ଦ୍ର କୁମାର ସ୍ୱାଇଁ ଜଣେ ଦରଦୀବନ୍ଧୁ ଥିବାବେଳେ ସେ ଜଣେ ବ୍ୟକ୍ତି ନୁହନ୍ତି ଏକ ଅନୁଷ୍ଠାନ। ତାଙ୍କର ଜୀବ ଦଶା ସମୟରେ ସେ ବହୁ ଅନୁଷ୍ଠାନ, ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଜଡିତ ରହି ଶିକ୍ଷାର ବିକାଶ ନିମନ୍ତେ ବିଦ୍ୟାଳୟ ପରିଚାଳନାରେ ଯଥେଷ୍ଟ ସହଯୋଗର ହାତ ବଢାଇଥିଲେ। ଖଣ୍ଡପଡ଼ା ଅଞ୍ଚଳରେ ଜଣେ ଦରଦୀ ଜନନେତା ଭାବେ ମହେନ୍ଦ୍ର ପରିଚିତ ଥିଲେ ବୋଲି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାର ଉଦ୍‌ଯାପନୀ ଦିବସରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମତ ରଖିଛନ୍ତି।

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡ଼ିଆ ଗ୍ରାମରେ ମହେନ୍ଦ୍ରଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ୪ଦିନ ଧରି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାର ରବିବାର ଥିଲା ଉଦ୍‌ଯାପନୀ ଦିବସ। ମହେନ୍ଦ୍ର ସ୍ୱାଇଁ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ସଭାରେ ସୁପୁତ୍ର ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ସ୍ମୃତି ଚାରଣ ସଭାରେ ବାଚସ୍ପତି ସୁରମା ପାଢୀ, ନୟାଗଡ଼, ଦଶପଲ୍ଲା, ବଡ଼ମ୍ବା ଓ ବୌଦ୍ଧ ବିଧାୟକ ଯଥାକ୍ରମେ ଡ. ଅରୁଣ କୁମାର ସାହୁ, ରମେଶ କୁମାର ବେହେରା, ବିଜୟ କୁମାର ଦଳବେହେରା ଓ ସରୋଜ କୁମାର ପ୍ରଧାନ, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ପ୍ରାଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରଣଜିତ ଦାଶ, ପ୍ରାଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୁରୀ ଜଗନ୍ନାଥ ମନ୍ଦିର ମା’ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଦାସ ମହାପାତ୍ର, ପୂର୍ବତନ ଭାପୁର ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡ଼ା ପ୍ରମୁଖ ଯୋଗଦେଇ ଉପରୋକ୍ତ ମତ ରଖିଥିଲେ। ମହେନ୍ଦ୍ର ଖଣ୍ଡପଡ଼ା ପ୍ରଗତିର ସାରଥୀ ଥିଲେ ବୋଲି ଖଣ୍ଡପଡା ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା ଓ ବରିଷ୍ଠ ଭାଜପା ନେତୃବୃନ୍ଦ ପ୍ରମୁଖ ମତ ଦେଇଥିଲେ। ସେ ଖଣ୍ଡପଡା ବ୍ଲକର ୨ଥର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବେ ସୁଚାର ରୂପେ ଦାୟିତ୍ୱ ତୁଲାଇଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରି ସମସ୍ୟାର ସମାଧାନ କରିବାକୁ ସେ ପ୍ରାଥମିକତା ଦେଉଥିଲେ। ଯାହାକି ଆଜିର ସମାଜରେ ବିରଳ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରଦାନ କରିଥିଲେ। ୪ଦିନ ଧରି ଚାଲିଥିବା ଶ୍ରଦ୍ଧାଞ୍ଜଳି ସଭାର ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ଚକ୍ଷୁ ଚିକିତ୍ସା ଶିବିର, ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଗ୍ରାମବାସୀଙ୍କ ତହସିଲ ଅଫିସ୍ ସମ୍ମୁଖରେ ଧାରଣା

**ଖଣି ନିଲାମ, ବ୍ଲାଷ୍ଟିଂକୁ ବିରୋଧ**

ରଣପୁର,୧୧।୧୧(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ତହସିଲ ଅଧୀନ ଛପରି କୋଇଲମା ମୌଜା ଗ୍ରାମରେ ବେଆଇନ ଖଣି ଖନନ ବିରୋଧରେ ସୋମବାର ୨ ଗ୍ରାମର ଶତାଧିକ ମହିଳାପୁରୁଷ ରଣପୁର ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ତହସିଲଦାର ଧାରଣାରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତିହିତ ହୋଇଥିଲା।

ଛପରି କୋଇଲମା ମୌଜାରେ ଥିବା ପ୍ରାକୃତିକ ଜଙ୍ଗଲକୁ ନଷ୍ଟ କରି ଜିଲା ପ୍ରଶାସନ ସେହି ପାହାଡ଼ରେ ଖଣି ନିଲାମ ଦେବାରୁ କୋଇଲମା ଅଞ୍ଚଳରେ ଯକ୍ଷ୍ମା ରୋଗ ଦିନକୁ ଦିନ ବ୍ୟାପିବାରେ ଲାଗିଛି। କ୍ରଶରର ଧୂଳି ଯୋଗୁ ଗ୍ରାମବାସୀ ଗାଁରେ ରହି ପାରୁନାହାନ୍ତି। ଏହାସହ ବେଆଇନ ବ୍ଲାଷ୍ଟିଂ ଯୋଗୁ ପକ୍କା ଘରଗୁଡିକ ଫାଟିବା, ଶବ୍ଦ ପ୍ରଦୂଷଣ ଯୋଗୁ ଜଙ୍ଗଲ ଜନ୍ତୁ ଗାଁ ମୁହାଁ ହେବା ଦ୍ୱାରା ଲୋକେ ବିଭିନ୍ନ ସମୟରେ ବନ୍ୟ ଜନ୍ତୁଙ୍କ ଶିକାର ହେଉଛନ୍ତି। ୨୦୨୧ରେ ଖଣି ନିଲାମକୁ ବିରୋଧ କରି ଗ୍ରାମବାସୀ ଚାନ୍ଦପୁର-ସୁନାଖେଳା ରାସ୍ତା ଅବରୋଧ କରିଥିଲେ। ସେତେବେଳେ ଜିଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ନିଲାମ ଓ ବ୍ଲାଷ୍ଟିଂ ସମ୍ପୂର୍ଣ୍ଣ ବାତିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ସେହି ପାହାଡ଼କୁ ଆନ୍ଧ୍ରପ୍ରଦେଶର ଏକ କମ୍ପାନୀକୁ ୧୦ବର୍ଷ ପାଇଁ ନିଲାମ ଦେବାର ପ୍ରଶାସନ ଉଦ୍ୟମ ଜାରି ରହିଛି। ଏହାସହ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଆଖି ବୁଜି ଦେଇ ବ୍ଲାଷ୍ଟିଂ କରିବାର ଅନୁମତି ଦେବାକୁ ବସିଛନ୍ତି। ଏହାର ପ୍ରତିବାଦ କରି କୋଇଲମାର ଗ୍ରାମବାସୀ ସୋମବାର ରଣପୁର ତହସିଲଦାର ଆର୍ଯ୍ୟ କୁମାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବେଆଇନ ଖଣି ନିଲାମ ଓ ବ୍ଲାଷ୍ଟିଂ ତୁରନ୍ତ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ପ୍ରଶାସନ ଟାଳଟୁଳ ନୀତି ନେଲେ ଆଗାମୀଦିନରେ ପ୍ରଶାସନକୁ ଅଚଳ କରିଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଆଗକୁ ଯଦି କିଛି ହେବ ଏଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଏହାର ନକଲ ଜିଲାପାଳ ନୟାଗଡ଼, ଏସ୍‌ପି ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କୁ ଦିଆଯାଇଛି। ଏହି ପ୍ରତିବାଦ ଓ ଧାରଣାରେ ସାମାଜିକ କର୍ମୀ ସୁରେଶ ସ୍ୱାଇଁ ସମର୍ଥନ କରିଥିଲାବେଳେ ଭିକାରୀ ଚରଣ ସାହୁ, ଗଙ୍ଗାଧର ସାହୁ, ଶରତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।




ଛପରୀ କୋଇଲମା ମୌଜାର ସମସ୍ତ ଖଣି ଲିଜ୍ ବାତିଲ ପାଇଁ ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ଶ୍ୟାମାକାଳୀଙ୍କୁ ମେଲାଣି



ମେଲଣ ପଡ଼ିଆରେ ଏକାଠି ହୋଇଥିବା ମେଢ଼।





ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଘୋରୀ ନୃତ୍ୟ ଓ ସିଂଘ ବାଜା।

- ଭସାଣି ଉତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ
- ଘଣ୍ଟଘଣ୍ଟା, ରୋଶଣି, ବାଜାବାଣରେ କମ୍ପିଲା ସହର

**ଯାଜପୁରରୋଡ଼,୧୧।୧୧(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ମହାଡ଼ମ୍ବରରେ ଉଦଯାପିତ ହୋଇଯାଇଛି । ଗତ ୧୦ଦିନ ଧରି ଚାଲିଥିବା ଏହି ଗଣପର୍ବର ରବିବାର ଥିଲା ମେଲଣ ଓ ଭସାଣି ଉତ୍ସବ । ବିଭିନ୍ନ ପାରମ୍ପରିକ ନୃତ୍ୟ ବାଦ୍ୟ,ଘଣ୍ଟଘଣ୍ଟା, ରୋଷଣୀ ଓ ବାଜାବାଣରେ ମା'ଙ୍କୁ ସହରବାସୀ ବିଦାୟ ଦେଇଛନ୍ତି । ସମଗ୍ର ଯାଜପୁର ତଥା ପଡୋଶୀ କେନ୍ଦୁଝର, ଢେଙ୍କାନାଳ ଏବଂ ଭଦ୍ରକ ଆଦି ଜିଲାରୁ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସହରର ସମସ୍ତ ୧୬ ମେଢ଼ ପୂଜା ମଣ୍ଡପରୁ ବାହାରି ଶୋଭାଯାତ୍ରାରେ ମେଲଣ ପଡ଼ିଆରେ ପହଞ୍ଚିଥିଲେ । ସହରର ଗୋପବନ୍ଧୁ ଛକଠାରୁ ପ୍ରଶାସନ ପକ୍ଷରୁ କରାଯାଇଥିବା ସମୟ ନିର୍ଘଣ୍ଟ ଅନୁଯାୟୀ ମେଢ଼ଗୁଡ଼ିକ ଏକ ଧାଡ଼ିରେ ଶୋଭାଯାତ୍ରାରେ ବାହାରିଥିଲେ । ହେଲେ ପୋଲିସର ଅପାରଗତା ଯୋଗୁ ମେଢ଼ଗୁଡିକ ବହୁ ବିଳମ୍ବରେ ମେଲଣ ପଡ଼ିଆରେ ପହଞ୍ଚିଥିଲେ ।

ଭସାଣି ଉତ୍ସବରେ ଓଡ଼ିଶୀ, ଅଘୋରୀ ନୃତ୍ୟ, ଆଦିବାସୀ, ବେଙ୍ଗଲୀ, କେରଳରୁ ଆସିଥିବା ବିଭିନ୍ନ ବାଦ୍ୟ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ସିଂଘ ବାଜା, ବ୍ୟାଣ୍ଡପାର୍ଟି, ମ୍ୟୁଜିକ, ଘାଣ୍ଟୁଆ, ଢୋଲର ତାଳେ ତାଳେ ଯୁବକମାନେ ମନଭରି ନାଚିଥିଲେ । ଯାଜପୁରରୋଡ଼ ଆଦର୍ଶ ଥାନା ପକ୍ଷରୁ ଚୋରଦା ବାଇପାସ୍ ଛକ ନିକଟରେ ସମସ୍ତ ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯିବା ସହ ମିଠା ଆଟିକା ପ୍ରଦାନ କରାଯାଇ ପ୍ରଶାସନ ଏବଂ ପୂଜା କମିଟି ମଧ୍ୟରେ ବନ୍ଧୁ ମିଳନ ହୋଇଥିଲା । ମେଲଣ ପଡ଼ିଆରେ ଚଣ୍ଡୀକ୍ଲବ ପକ୍ଷରୁ ଆୟୋଜିତ ମେଲଣ ଉତ୍ସବକୁ ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ଡ଼.ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରିଥିଲେ । ଚଣ୍ଡିକ୍ଲବର ଏବଂ ମେଲଣ କମିଟିର ସଭାପତି ପ୍ରମୋଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କୋରେଇ ବିଧାୟକ ଆକାଶ ଦାସ ନାୟକ,କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି, ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର ମନୀନ୍ଦ୍ର ସାହୁ, ସିଦ୍ଧାର୍ଥ ସାମଲ ଏବଂ ୧୬ ପୂଜା କମିଟିର ସଭାପତି,ସମ୍ପାଦକ ନିଜର ଅଭିଭାଷଣ ରଖିଥିଲେ । ଏହି ମେଲଣ ଉତ୍ସବ ସହରର ଭାଇଚାରାର ଏକ ନିଦର୍ଶନ ବୋଲି ଅତିଥିମାନେ କହିଥିଲେ । ମେଲଣ କମିଟିର ସମ୍ପାଦକ ଶିଶିର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ମେଲଣ କମିଟି ପକ୍ଷରୁ ସମସ୍ତ ପୂଜାକମିଟିକୁ ସମ୍ବର୍ଦ୍ଧିତ କରାଯିବା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ନିକଟସ୍ଥ ଜଳାଶୟରେ ମେଢ଼ ବିସର୍ଜନ କରାଯାଇଥଲା ।

## ଲକ୍ଷ୍ମୀନାରାୟଣଙ୍କ ଭସାଣି ଉତ୍ସବ

**ବିଞ୍ଝାରପୁର,୧୧।୧୧(ରାମକୃଷ୍ଣ ଦାସ):**



ଲକ୍ଷ୍ମୀନାରାୟଣଙ୍କ ମେଢ଼କୁ ଶୋଭଯାତ୍ରାରେ ନିଆଯାଉଛି ।

ବିଞ୍ଝାରପୁର ଟ୍ରେଜେରୀ ଛକର ସର୍ବପୁରାତନ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ଆୟୋଜିତ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ମହାଆଡମ୍ବରରେ ଶେଷ ହୋଇଛି । ସୋମବାର ଅପରାହ୍ଣରେ ଲକ୍ଷ୍ମୀନାରାୟଣ ମୃଣ୍ମୟ ମେଢକୁ ଏକ ଶେଭାଯାତ୍ରାରେ ନିଆଯାଇ ଖରସ୍ରୋତା ନଦୀରେ ବିସର୍ଜନ କରାଯାଇଛି । ଏହି ଭସାଣି ଶୋଭାଯାତ୍ରା ଟ୍ରେଜେରୀ ଛକରୁ ବାହାରି ଥାନା ଛକ,ମେଡିକାଲ ଛକ, ବ୍ୟାଙ୍କ ଛକ ଆଦି ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ମାଦଳ ନାଚ, ଷଣ୍ଢ ନାଚ ଓ ଅନ୍ୟ ଜିଲାରୁ ଆସିଥିବା କଳାକାରମାନଙ୍କ ନୃତ୍ୟ ଓ ବାଦ୍ୟରେ ବିଞ୍ଝାରପୁର ବଜାର ଦୁଲୁକିଥିଲା । ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣଙ୍କ ମେଢ଼କୁ ଖରସ୍ରୋତା ନଦୀରେ ବିସର୍ଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୀଲ ଦାସ, ଅୟସକାନ୍ତ ଦାସ, ସୁଜିତ ମହାନ୍ତି, ସୁଶିଲ ଦାସ, ନୀଳମଣି ଦାସ, ବିଦ୍ୟାଧର ଜେନା, ବିକାଶ ଦଳେଇ, କୁଳମଣି ଦାସ, ଦୁର୍ଗା ଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଧର୍ମଶାଳା ବିଧାୟକଙ୍କ ଚରିତ୍ର ସଂହାର କରିଥିବା ଯୁବକ ଅଟକ

**କାଏମା,୧୧।୧୧(ଶିବପ୍ରସାଦ ମହାନ୍ତି):**

ସୋସିଆଲ ମିଡ଼ିଆରେ ଧର୍ମଶାଳା ବିଧାୟକଙ୍କ ଚରିତ୍ର ସଂହାର କରୁଥିବା ଜଣେ ଯୁବକଙ୍କୁ ଯାଜପୁର ପୋଲିସ ଅଟକ ରଖିଛି । ସୁଚନା ମୁତାବକ କେନ୍ଦ୍ରାପଡା ଅଞ୍ଚଳର ଜୟଦେବ ଲେଙ୍କା ନାମକ ଜଣେ ଯୁବକ ସୋସିଆଲ ମିଡ଼ିଆରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଚରିତ୍ର ସଂହାର କରିଥିଲେ । ଏନେଇ ବିଧାୟକଙ୍କ ଜଣେ ସମର୍ଥକ ଗତମାସ ୨୮ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାର ତଦନ୍ତ କରି ଜୟଦେବଙ୍କୁ ଭୁବନେଶ୍ୱରରୁ ସୋମବାର ଉଠାଇ ଆଣିଥିବା ସୂଚନା ମିଳିଛି । ଜୟଦେବଙ୍କୁ ଯାଜପୁର ଜିଲାର କୌଣସି ଏକ ଥାନାରେ ରଖାଯାଇ ପଚାରଉତୁରା କରାଯାଉଛି । ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଛି ।



@ ଆଶୀର୍ବାଦ



@ ଅଶୋକ



@ ଶାଶ୍ୱତ



@ ସୀମା



@ ସୁଦିପ୍ତା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ।

**ଯାଜପୁର,୧୧।୧୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଛନ୍ତି । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରୁଛନ୍ତି । ଯାଞ୍ଚ ସରିବା ପରେ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ଏହି ଶୁଣାଣିରେ ସମୁଦାୟ ୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଛି । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୭ଟି, ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୭ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୪ଟି ଅଭିଯୋଗର ଶୁଣାଣି କରାଯାଇଛି । ୪୫ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଛି । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଛନ୍ତି । ପରେ ଜିଲାପାଳ ସୁକିନ୍ଦାସ୍ଥିତ ମାନସିକ ବିକାରଗ୍ରସ୍ତ ମହିଳାମାନଙ୍କର ଚିକିତ୍ସା ଓ ଥଇଥାନ କେନ୍ଦ୍ର, ମିଶନ ଆଶ୍ରା ପରିଦର୍ଶନ କରି ପରିଚାଳନା ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ପଚାରି ବୁଝିଛନ୍ତି ।

## ସ୍କାଏଲାଇଟ୍ ଭାଙ୍ଗି ଘରେ କଳାକନା ବୁଲାଇଲେ

**ଝୁମ୍ପୁରୀ,୧୧।୧୧(ସରୋଜ ନାୟକ):**

ଦଶରଥପୁର ବ୍ଲକ୍‌ରେ ଦିନକୁ ଦିନ ବିଭିନ୍ନ ସ୍ଥାନରେ ଚୋରି ହେଉଛି । ରବିବାର ଦଶରଥପୁର ଥାନା ଛଟିଣା ପଞ୍ଚାୟତସ୍ଥ ହୋସେନପୁର ଗ୍ରାମର ଜୟଚନ୍ଦ୍ର ମହାନ୍ତିଙ୍କ ଘର ସ୍କାଏଲାଇଟ୍ ଭାଙ୍ଗି ଚୋରି ହୋଇଥିବା ଦଶରଥପୁର ଥାନାରେ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଜୟଚନ୍ଦ୍ର ମହାନ୍ତି ସପରିବାରେ ତୀର୍ଥ କରିବାକୁ ଯାଇଥିଲେ । ଘରର ବାରିପଟ କବାଟ ଖୋଲା ଥିବା ଦେଖି ପଡ଼ୋଶୀ ତାଙ୍କୁ ଫୋନ୍ କରି ଜଣାଇଥିଲେ । ମହାନ୍ତି ତୀର୍ଥରୁ ଫେରି ଘରେ ଚୋରମାନେ ଘରେ କଳାକନା ବୁଲାଇ ଦେଇଥିବା ଦେଖିବାକୁ ପାଇଥିଲେ । ମହାନ୍ତିଙ୍କ ଷ୍ଟିଲ୍ ଆଲମିରାରୁ ନଗଦ ଟଙ୍କା ସହ ସୁନାଗହଣା, ବାସନକୁସନ ସବୁ ଚୋରମାନେ ନେଇ ପଳାଇ ଯାଇଛନ୍ତି । ଏନେଇ ମହାନ୍ତି ଦଶରଥପୁର ଥାନାରେ ଅଭିଯୋଗ କଲାପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଏହି ଖବର ପ୍ରସ୍ତୁତ ହେବା ପର୍ଯ୍ୟନ୍ତ କେହି ଧରାପଡିନାହାନ୍ତି ।

# ଆରମ୍ଭ ହୋଇପାରୁନି ୫ ସ୍ୱାସ୍ଥ୍ୟସେବା ପ୍ରକଳ୍ପ

**ଯାଜପୁର,୧୧।୧୧ (ହର୍ଷବର୍ଦ୍ଧନ ବେହେରା)**

**ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳ**

- ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ମାଣ ବିଭାଗର ତାଗିଦା



ଯାଜପୁର ଜିଲାର ରାସ୍ତାଘାଟ ଚଉଡ଼ା ହେଉଛି ଏବଂ କୁସୁମା ପୋଖରୀ ଓ ବ୍ୟାସ ସରୋବର ଭଳି ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଉଛି । ଏହାବାଦ ମନ୍ଦିର, ମଠ ଆଦିର ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲିଛି । ହେଲେ ଯାଜପୁର ଜିଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି । ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗ୍ରାମାଞ୍ଚଳର ସିଏଚ୍‌ସି ଓ ପିଏଚ୍‌ସିରେ ପାଖାପାଖି ୧୦୦ ଡାକ୍ତର ପଦବୀ ଖାଲିପଡ଼ିଛି । ଏହାବାଦ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ୟାସନଗର ପୌରାଞ୍ଚଳରେ ଏକାଧିକ ପ୍ରସ୍ତାବିତ ପ୍ରକଳ୍ପ ଯୋଜନାରେ ସୀମିତ ରହିଛି । ଏନେଇ ରାଜ୍ୟସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ସମୀକ୍ଷା ବୈଠକରେ ତତ୍ପରତା ପ୍ରକାଶ କରାଯାଉଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ । ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ଅନୁଦାନ ମଞ୍ଜୁର ହୋଇଥିବା ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ୫ଟି ସ୍ୱାସ୍ଥ୍ୟ ପ୍ରକଳ୍ପ ଆଦୌ ଆରମ୍ଭ ହୋଇପାରିନାହିଁ । ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ସ୍ୱାସ୍ଥ୍ୟସେବା ନିହାତି ଜରୁରୀ ବୋଲି ଦର୍ଶାଇ ତୁରନ୍ତ ମଞ୍ଜୁରପ୍ରାପ୍ତ ପ୍ରକଳ୍ପଗୁଡ଼ିକ ଆରମ୍ଭ କରିବାକୁ ସେ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲା ସଦର ଡାକ୍ତରଖାନା ସମେତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅବଲୋକନ କଲେ ଜିଲାର ବିକାଶ କେତେ ତାହା ସ୍ପଷ୍ଟ ମନେହେଉଛି । ଏହାବାଦ୍ ଆଦିବାସୀ ଏବଂ ଖଣି ପ୍ରଭାବିତ ଅଞ୍ଚଳ ସୁକିନ୍ଦା ବ୍ଲକରେ ମଧ୍ୟ ସ୍ୱାସ୍ଥ୍ୟସେବାର ବିକାଶ ସେତେଟା ହୋଇ ପାରିନାହିଁ । ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରେ ପ୍ରାୟ ୨୪୦୦କୋଟି ଟଙ୍କା ଆଦାୟ ହୋଇଛି । ଡିଏମ୍‌ଏଫ୍‌ର ଆଇନ ଅନୁଯାୟୀ ଏହି ପାଣ୍ଠି କେବଳ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରିବାକୁ ନିୟମ ରହିଛି । କିନ୍ତୁ ଜିଲାସ୍ତରରେ ଏକ ବୈଠକ କରି ଏହି ପାଣ୍ଠିକୁ ସାରା ଜିଲାରେ ବିନିଯୋଗ କରାଯାଉଛି । ଫଳରେ ସୁକିନ୍ଦା ଖଣି ଅଞ୍ଚଳବାସୀ ଏଯାଏ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଛି । ଏହାବାଦ୍ ଡିଏମ୍‌ଏଫ୍ ପାଣ୍ଠିକୁ ଅଣଓଡ଼ିଆ ଠିକାସଂସ୍ଥାଗୁଡ଼ିକ ହାତରେ ଟେକି ଦିଆଯାଇଛି । ଜିଲା ସଦର ଡାକ୍ତରଖାନାରେ ୨୫୦ ବେଡ୍ ବିଶିଷ୍ଟ ଗୃହ ନିର୍ମାଣ କରିବାକୁ ୨୦୨୦ରେ ଡିଏମ୍‌ଏଫ୍ ପାଣ୍ଠିରୁ ୩୮.୭୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଏହି ପ୍ରକଳ୍ପ ୧୯।୮।୨୦୨୨ରେ ଶେଷ କରିବାକୁ ନିର୍ଦ୍ଧାରଣ ହୋଇଥିଲା । ପ୍ରଥମେ ଆର୍.କେ. ଇନ୍‌ଫ୍ରାଷ୍ଟ୍ରକ୍ଟର ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ମିଳିଥିବାବେଳେ ପରବର୍ତ୍ତୀ ସମୟରେ ଆଶୀର୍ବାଦ ଠିକାସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ କରୁଛି । କିନ୍ତୁ ଏହି ପ୍ରକଳ୍ପ ଏଯାଏ ଶେଷ ହୋଇପାରିନାହିଁ । ତେବେ ସୁକିନ୍ଦା ବ୍ଲକର ବାରଗାଡିଆ ସ୍ୱାସ୍ଥ୍ୟକେନ୍ଦ୍ର, ଖରଡି, ମଙ୍ଗଳପୁର, ସାରଙ୍ଗପୁର ଓ ସାରୁଆବିଲ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ନିର୍ମାଣ ପାଇଁ ୨୬।୯।୨୦୨୩ରେ ୪୪ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଛି । ହେଲେ ୱାଟର ଲଗିଂ ସମସ୍ୟା ଦର୍ଶାଇ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ କରାଯାଇ ପାରିନାହିଁ । ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗରରେ ସ୍ୱାସ୍ଥ୍ୟସେବାକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ମନେ ହେଉଛି । କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ଥିବା ଏହି ସହରର ଲୋକସଂଖ୍ୟା ବେସରକାରୀ ଭାବେ ପ୍ରାୟ ଦେଢ ଲକ୍ଷକୁ ଟପିଲାଣି । ଦିନକୁ ଦିନ ସହରର କଳେବର ବୃଦ୍ଧିପାଉଛି । ହେଲେ ସହରବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ମାତ୍ର ୩୦ ଶଯ୍ୟା ବିଶିଷ୍ଟ ଏକ ସିଏଚ୍‌ସି ଉପରେ ନିର୍ଭରଶୀଳ । ଏହି ଡାକ୍ତରଖାନାରେ ୧୩ ଜଣ ଡାକ୍ତର ପଦବୀ ଥିବାବେଳେ ଏବେ ଅଛନ୍ତି ମାତ୍ର ୭ ଜଣ । ଏହାବାଦ୍ ଦୁଇ ଦଶନ୍ଧି ହେଲା ୧୦୦ ବେଡ୍ ବିଶିଷ୍ଟ ସୁପର ସ୍ପେଶିଆଲିଟି କିମ୍ବା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ରାଜନୈତିକ ନେତାଙ୍କ ଭାଷଣବାଜିରେ ସୀମିତ ରହିଛି । ଫଳରେ ଅଧିକାଂଶ ରୋଗୀ ବେସରକାରୀ ଡାକ୍ତରଖାନା ଏବଂ ଔଷଧ ଦୋକାନଗୁଡ଼ିକରେ ପରାମର୍ଶ ଦେଉଥିବା ଡାକ୍ତରମାନଙ୍କ ଉପରେ ଭରସା କରୁଛନ୍ତି । ଗରିବ ରୋଗୀ ନିଜ ଭାଗ୍ୟକୁ ଆଦରି ସରକାରୀ ଡାକ୍ତରଖାନାରେ ପଡ଼ି ରହୁଥିବା ଦେଖିବାକୁ ମିଳୁଛି ।



# ସାଇକେଲ ଷ୍ଟାଣ୍ଡ ଟେଣ୍ଡରକୁ ନେଇ ବିଜେଡି-ଭାଜପା ବିବାଦ

**କଳିଙ୍ଗ ବାଲିଯାତ୍ରା ମହୋତ୍ସବ**

■ ଧାର୍ଯ୍ୟ ଅର୍ଥର ୫୦% ଜମା ପରେ ବି ବାତିଲ

■ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ

ପାରାଦୀପ,୧୧।୧୧(ଶରତ ରାଉତ)

ପାରାଦୀପର ଅନ୍ୟତମ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୩ ଦିନ ପୂର୍ବରୁ ସୋମବାର ବିଜେଡି ଓ ଭାଜପା ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟି ପକ୍ଷରୁ ଟେଣ୍ଡର କରାଯାଇଥିବା ସାଇକେଲ ଷ୍ଟାଣ୍ଡକୁ ନେଇ ଏପରି ପରିସ୍ଥିତି ଦେଖିବାକୁ ମିଳିଛି। ସାଇକେଲ ଷ୍ଟାଣ୍ଡ ପାଇଁ ଟେଣ୍ଡରରେ ସର୍ବୋଚ୍ଚ ନିଲାମଧାରୀ ଯୁବକଙ୍କୁ ପ୍ରଥମେ ସ୍ୱୀକୃତି ମିଳିଥିଲା। ପରେ ସମ୍ପୃକ୍ତ ନିଲାମଧାରୀ ୫୦ ପ୍ରତିଶତ ଅର୍ଥ ପ୍ରଶାସନ ନିକଟରେ ଜମା କରିଥିଲେ। ମାତ୍ର ହଠାତ୍ ନିଷ୍ପତ୍ତି ପରିବର୍ତ୍ତନ କରି ପ୍ରଥମ ନିଲାମ ବାତିଲ କରି ଦ୍ୱିତୀୟ ସର୍ବାଧିକ ଟେଣ୍ଡର ପକାଇଥିବା ଯୁବକଙ୍କୁ ସୋମବାର ଅଗ୍ରାଧିକାର ଦିଆଯାଇଛି। ଏନେଇ ସନ୍ଧ୍ୟାରେ ପ୍ରଥମେ ଅଗ୍ରାଧିକାର ପାଇଥିବା ଯୁବକ ଓ ତାଙ୍କ ସାଥୀମାନେ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ପାରାଦୀପ ପୌରପରିଷଦ ପକ୍ଷରୁ ୩୦ ଅକ୍ଟୋବର ୨୦୨୪ରେ ଅନ୍‌ଲାଇନ ଟେଣ୍ଡର ଆହ୍ୱାନ (ବିଜ୍ଞପ୍ତି ନଂ. ୪୫୦୭)କରାଯାଇଥିଲା। ମଧୁବନର ଯୁବକ ରେଗାନ ଗୋଛାୟତ ଅନ୍‌ଲାଇନରେ ୫ ହଜାର ଟଙ୍କା ଜମା କରି ଟେଣ୍ଡର ପେପର କିଣିଥିଲେ। ପରେ ୧୦ ହଜାର ଟଙ୍କାର ଇଏମ୍‌ଡି ଦେଇ ଟେଣ୍ଡର ପେପର ପକାଇଥିଲେ। ଟେଣ୍ଡର ପେପର ଅବଧି ୭ ନଭେମ୍ବର ୨୦୨୪ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଥିଲା। ସେହି ସମୟ ମଧ୍ୟରେ ରେଗାନ ନୂଆବଜାର ରିକ୍ରିଏଶନ କ୍ଲବ ପଡ଼ିଆ ସାଇକେଲ ଷ୍ଟାଣ୍ଡ ପାଇଁ ୨ଲକ୍ଷ ୪୦ହଜାର ଟଙ୍କାର ଟେଣ୍ଡର ପେପର ପକାଇ ଥିଲେ। ଉକ୍ତ ଦିନ ଅର୍ଥାତ୍ ୭ ତାରିଖ ଅପରାହ୍ନରେ ଟେଣ୍ଡର ଖୋଲାହେବା ପରେ ରେଗାନଙ୍କ ଅର୍ଥ ସର୍ବାଧିକ ଥିବାରୁ ତାଙ୍କୁ ସ୍ୱୀକୃତି ଦିଆଯାଇଥିଲା। ଦ୍ୱିତୀୟ ସର୍ବାଧିକ ଅର୍ଥ ଥିଲା ୨ ଲକ୍ଷ ୧୧ହଜାର ଟଙ୍କା। ରେଗାନ ପରଦିନ ଅର୍ଥାତ ୮ ନଭେମ୍ବର ୨୦୨୪ରେ ବାଲିଯାତ୍ରା କମିଟି ଆକାଉଣ୍ଟରେ ୫୦ ପ୍ରତିଶତ ଅର୍ଥ ୧ ଲକ୍ଷ ୨୦ହଜାର ଟଙ୍କା ଜମାକରି ରସିଦ୍ ମଧ୍ୟ ପାଇଥିଲେ। ଅବଶିଷ୍ଟ ୫୦ପ୍ରତିଶତ ଅର୍ଥ ସୋମବାର ୧୧ ନଭେମ୍ବର ୨୪ରେ ଜମା କରିବା ପାଇଁ ଯିବାବେଳକୁ ବ୍ୟାଙ୍କ ଡ୍ରାଫ୍ଟ ଧାର୍ଯ୍ୟ ସମୟ ସରିବା ପରେ କରିଥିବାରୁ ତାଙ୍କ ଟେଣ୍ଡର ହେବ ନାହିଁ ବୋଲି କୁହାଗଲା। ଏହା ଶୁଣିବା ପରେ ରେଗାନ ଓ ତାଙ୍କ ସାଥୀମାନେ ଜିଲା ପ୍ରଶାସନର ଏପରି ଟାଳଟୁଳ ନୀତିକୁ ବିରୋଧ କରିଛନ୍ତି। ଘଟଣା ସମ୍ପର୍କରେ ପାରାଦୀପ ନଗର ବିଜେଡି ସମ୍ପାଦକ ତଥା କାଉନ୍‌ସିଲର ମନୋଜ କୁମାର ନାୟକ କୁହନ୍ତି, ସରକାର ବଦଳିବା ପରେ ପ୍ରଶାସନ ଉପରେ ଚାପ ପକାଯାଇ ଏପରି କରାଯାଇଛି। ଆମ ପିଲା ସର୍ବୋଚ୍ଚ ଅର୍ଥର ଟେଣ୍ଡର ପକାଇ ଥିବା ସତ୍ତ୍ୱେ ତାଙ୍କୁ କାଟି ଦ୍ୱିତୀୟ ସର୍ବାଧିକ ଥିବା ଭାଜପା ସମର୍ଥକଙ୍କୁ ଦେବା ପାଇଁ ବାଧ୍ୟ କରାଯାଉଛି। ଏହାକୁ ଆଇନଗତ ଭାବେ ବିରୋଧ କରାଯିବ।

ଘଟଣା ସମ୍ପର୍କରେ ବାଲିଯାତ୍ରା କମିଟିର ସମ୍ପାଦକ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ପଚାରିଲେ କୁହନ୍ତି, ସ୍କୃଟିନି ସମୟରେ ଟିକିଏ ଅସାବଧାନତା ଯୋଗୁ ଏପରି ହୋଇଛି। ଯାହାକୁ ପ୍ରଥମେ ଅଗ୍ରାଧିକାର ଦିଆଯାଇଛି ତାଙ୍କର ବ୍ୟାଙ୍କ ଡ୍ରାଫ୍ଟ ଧାର୍ଯ୍ୟ ସମୟ ପରେ ହୋଇଛି। ତେଣୁ ତାଙ୍କ ଟେଣ୍ଡର ବାତିଲ କରାଯାଇଛି।



ବାଲିଯାତ୍ରା କମିଟିକୁ ରେଗାନ ଗୋଛାୟତଙ୍କ ପକ୍ଷରୁ ଦିଆଯାଇଥିବା ରସିଦ୍ ।

# ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ୨୨୩ ଅଭିଯୋଗ

ରଘୁନାଥପୁର, ୧୧।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଧୀନସ୍ଥ ରେଢୁଆ ଗ୍ରାମପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀଗତ, ବ୍ୟକ୍ତିଗତକୁ ମିଶାଇ ମୋଟ ୨୨୩ ଅଭିଯୋଗ ହୋଇଥିଲା। ବିଡିଓଙ୍କ ଅନୁପସ୍ଥିତିରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଯନ୍ତ୍ରୀ ସୁଚିସ୍ମିତା ବେହେରା, ଜିପିଓ ସ୍ମାରକ ରଞ୍ଜନ ମହାନ୍ତି, ଜେଇ ମଧୁସ୍ମିତା ସେଠୀ, ପିଇଓ ସ୍ମୃତିରଞ୍ଜନ ଗୁରୁ, ଏଡିଇଓ ପ୍ରୀତିରଞ୍ଜନ ସାହୁ, ଏପିଓ ମୋନାଲିସା ଲେଙ୍କାଙ୍କ ସମେତ ବ୍ଲକ ଓ ପଞ୍ଚାୟତସ୍ତରୀୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗଗଡ଼ିକର ଶୁଣାଣି କରିଥିଲେ।

# ‘ପ୍ରମୁଖ ତୀର୍ଥସ୍ଥଳରେ ପରିଣତ ହେବ ମହାବୀର ପୀଠ’


ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଓ ବିଧାୟକ ଶାରଦା ପ୍ରସନ୍ନ ଜେନା ପୀଠ ପରିଦର୍ଶନ କରୁଛନ୍ତି।

**ମନ୍ତ୍ରୀ, ବିଧାୟକଙ୍କ ପୀଠ ପରିଦର୍ଶନ**

କୁଜଙ୍ଗ,୧୧।୧୧(ମନୋଜ ପ୍ରଧାନ)

ପାରାଦୀପ ଭାଜପା ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବାଲିକୁଦା-ଏରସମା ବିଜେଡି ବିଧାୟକ ଶାରଦା ପ୍ରସନ୍ନ ଜେନା ସୋମବାର ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ମହାବୀର ପୀଠକୁ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ମହାବୀର ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଏହି ପୀଠର ଉନ୍ନତି କରାଯାଇ ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଗଲେ ଏହା ଖାଲି ତୀର୍ଥକ୍ଷେତ୍ର ନୁହେଁ ବରଂ ପ୍ରାକୃତିକ ମନୋରମ ପରିବେଶ ପ୍ରତି ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସେ କହିଥିଲେ।

ମନ୍ତ୍ରୀ ସ୍ୱାଇଁ ଏହି ଅବସରରେ ଆଶ୍ରମର ତତ୍ତ୍ୱାବଧାରକ ବାବା ରାଜୀବଲୋଚନ ଦାସଙ୍କ ଆଶୀର୍ବାଦ ନେବା ସହ ଆଶ୍ରମ ବୁଲି ଦେଖିଥିଲେ। ମନ୍ତ୍ରୀ ପହଞ୍ଚିବା ପରେ ଆଶ୍ରମ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ପୀଠରେ ପହଞ୍ଚି ଦର୍ଶନ କରିବାକୁ ଯାଇଥିବାବେଳେ ଉଭୟ ନେତା କରମର୍ଦ୍ଦନ କରିଥିଲେ। ମନ୍ତ୍ରୀ ସ୍ୱାଇଁଙ୍କ ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଜିଲା ଭାଜପା ସାଧାରଣ ସମ୍ପାଦକ ତପନ କୁମାର ତ୍ରିପାଠୀ, ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପାରାଦୀପ ନିର୍ବାଚନ ମଣ୍ଡଳୀ ଭାଜପା ଯୁବ ମୋର୍ଚ୍ଚା ସଂଯୋଜକ ଅମିତ ପ୍ରଧାନ, ଭାଜପା ନାରୀନେତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ, ନୃସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ସହ ଶ୍ରୀଶ୍ରୀ ଆୟୁର୍ବେଦ ହସ୍ପିଟାଲର ଚୁକ୍ତି

**ବନ୍ଦର କର୍ମଚାରୀମାନଙ୍କୁ ମିଳିବ ଆୟୁର୍ବେଦ ଚିକିତ୍ସା**


ଚୁକ୍ତିପତ୍ର ସ୍ୱାକ୍ଷର ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରାନ୍ଧ ଓ ଗୁରୁ ଶ୍ରୀଶ୍ରୀ ରବିଶଙ୍କର।

ପାରାଦୀପ,୧୧।୧୦(ଶରତ ରାଉତ)

ପାରାଦୀପ ବନ୍ଦର ଓ ଶ୍ରୀଶ୍ରୀ ଆୟୁର୍ବେଦ ହସ୍ପିଟାଲ ମଧ୍ୟରେ ରବିବାର ଚୁକ୍ତି ସ୍ୱାକ୍ଷର ହୋଇଛି। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ। କଟକସ୍ଥିତ ଶ୍ରୀଶ୍ରୀ ହସ୍ପିଟାଲରେ ବନ୍ଦର କର୍ମଚାରୀମାନେ ଆୟୁର୍ବେଦ ଚିକିତ୍ସା ପାଇପାରିବେ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ‘ଆର୍ଟ ଅଫ ଲିଭିଙ୍ଗ’ର ୧୧ ତମ ସମ୍ମିଳନୀରେ ଏହା ସ୍ୱାକ୍ଷରିତ ହୋଇଥିଲା।

# ଥଇଥାନ ଦାବିରେ ଶିଳ୍ପମନ୍ତ୍ରୀଙ୍କୁ ସାତଦଫା ଦାବିପତ୍ର

କୁଜଙ୍ଗ, ୧୧।୧୧(ମନୋଜ ପ୍ରଧାନ)

ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୋମବାର ମହାବୀର ପୀଠ ଦର୍ଶନରେ ଯାଇଥିବା ବେଳେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରଭାବିତ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତବାସୀଙ୍କ ପକ୍ଷରୁ ଥଇଥାନ ଦାବିରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ପ୍ରଭାବିତ ଅଞ୍ଚଳର ପ୍ରତି ପରିବାରରୁ ଜଣଙ୍କୁ ନିଯୁକ୍ତି ନିମନ୍ତେ ଲିଖିତ ପ୍ରତିଶ୍ରୁତି, ପାନବରଜରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିଙ୍କୁ କାରଖାନାରେ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ଭତ୍ତା ପ୍ରଦାନ, ଘର, ପାନବରଜ ଗଛ ଓ ମାଛ ହରାଇ କ୍ଷତିପୂରଣ ପାଇବାରୁ ବଞ୍ଚିତ ପରିବାର କିପରି କ୍ଷତିପୂରଣ ପାଇପାରିବେ ସେଥିପାଇଁ ପଦକ୍ଷେପ, କମ୍ପାନୀରେ ୩ ପଞ୍ଚାୟତରୁ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ନିୟମିତ କରିବା, ପ୍ରତିବର୍ଷ ୩ ପଞ୍ଚାୟତରୁ ବାହାରୁଥିବା ବୈଷୟିକ ଶିକ୍ଷାଧାରୀଙ୍କୁ ନିଯୁକ୍ତି ଦେବା, ଏକ କୌଶଳ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ୩ ପଞ୍ଚାୟତର ବେକାରଙ୍କୁ ତାଲିମଦେଇ ନିଯୁକ୍ତି ଦେବା ଓ ସମସ୍ତ ନିଷ୍ପତ୍ତି ଆର୍‌ପିଡିଏସି ବୈଠକରେ ନ ନେବାକୁ ଦାବି କରାଯାଇଛି। ଭାଜପା ନେତା କ୍ଷୀରୋଦ ପରିଡ଼ାଙ୍କ ଉପସ୍ଥିତିରେ ରମେଶ ସ୍ୱାଇଁ, ବିଶ୍ୱନାଥ ରାଉତ ଓ ନନ୍ଦକିଶୋର ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ଗଣସତ୍ୟାଗ୍ରହ

**ରେଢୁଆ ବିସି କଲେଜ**

■ ମଙ୍ଗ ଧରିଲେ ଛାତ୍ରୀଛାତ୍ର

ରଘୁନାଥପୁର,୧୧।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ସୋମବାରଠାରୁ କଲେଜ ସମ୍ମୁଖରେ ଗଣସତ୍ୟାଗ୍ରହ ଆରମ୍ଭ ହୋଇଛି। ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିବାବେଳେ ଛାତ୍ରୀଛାତ୍ରମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହାଛଡ଼ା ଅଞ୍ଚଳର ବରିଷ୍ଠ ନାଗରିକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ମହିଳାମାନେ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା ଇନ୍ଦୁମତି ସାହୁ, ଯୋଗଦେଇ ତୁରନ୍ତ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ଆଖପାଖ ୪ ବ୍ଲକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଛାତ୍ରୀଛାତ୍ରଙ୍କ ଉଚ୍ଚତର ଶିକ୍ଷାକୁ ଦୃଷ୍ଟିରେ ରଖି ଗତ ୨ବର୍ଷ ତଳୁ ଏହି କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ବିଭାଗଙ୍କ ନିକଟରେ ଦାବି କରାଯାଇଥିଲା। ଉପନିର୍ଦ୍ଦେଶକ ମଧ୍ୟ କଲେଜକୁ ଆସି ଭିତ୍ତିଭୂମି ଯାଞ୍ଚ କରି ଯାଇଥିଲେ। ହେଲେ ସରକାରଙ୍କ ପକ୍ଷରୁ ଏଥପାଇଁ ଆନ୍ତରିକତା ପ୍ରକାଶ ପାଉନାହିଁ ବୋଲି ସ୍ନେହାଂଶୁ ଜେନା ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବା ସହ ଆବଶ୍ୟକ ସ୍ଥଳେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହାରଣା ଚେତାବନୀ ଦେଇଛନ୍ତି। ଏହି ସତ୍ୟାଗ୍ରହରେ ସୁରେଶ ପଟ୍ଟନାୟକ, ପ୍ରଭୁପ୍ରସାଦ ନାୟକ, ସାରଦା ଜେନା, ଶୁଭାଶିଷ ସ୍ୱାଇଁ, କମଳାକାନ୍ତ ରଣା, ଅମ୍ବିକା ପ୍ରସାଦ ମହାରଣା, ରଶ୍ମିତା ମହାରଣା, ପ୍ରଜ୍ଞା ପରମିତା ରାୟ, ଚିନ୍ମୟ ଜେନା, ଶୁଭ୍ର ଜେନା, ଭାସ୍କର ପାଲ, ଶୁଭକାନ୍ତ ଜେନା, ବିକ୍ରମ କେଶରୀ ମହାନ୍ତି, ସତ୍ୟବାଦୀ ସ୍ୱାଇଁ ପ୍ରମୁଖ ସାମିଲ ହୋଇଛନ୍ତି।


ସତ୍ୟାଗ୍ରହରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲିକୁଦା,୧୧।୧୧(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗ ଅଧୀନ ଗଉଡୁଣୀ ପଡ଼ିଆ-ସୋଗଲ ୧୩ ନମ୍ବର ମୁଖ୍ୟ କେନାଲର ଶାଖା କେନାଲର ଧନିଶୋ ଗଡ଼ାସ୍ଥିତ କଲଭର୍ଟର ନିକଟରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ବାଲିକୁଦା ଥାନା କାଳିଓ ପଞ୍ଚାୟତ ଅନ୍ତର୍ଗତ କାଳିଓ ଗାଁର ପ୍ରଫୁଲ୍ଲ ବାରିକ (୪୫)। ସେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । କେନାଲରେ ବହୁତ କମ ପାଣି ଥିବାବେଳେ ଏଠାରେ ପ୍ରଫୁଲ୍ଲଙ୍କ କିପରି ମୃତ୍ୟୁ ଘଟିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରାହ୍ନ ପ୍ରାୟ ୨ଟା ସମୟରେ ସ୍ଥାନୀୟ ଅଞ୍ଚଳର ଲୋକେ କେନାଲରେ ମୁହଁମାଡ଼ି ଏକ ମୃତଦେହ ପଡ଼ିଥିବା ଦେଖି ବାଲିକୁଦା ପୋଲିସ ଓ ଅଗ୍ନିଶମ ବାହିନୀକୁ ଜଣାଇଥିଲେ । ଏହାପରେ ଉଭୟ ଅଗ୍ନିଶମ ବିଭାଗ ଓ ବାଲିକୁଦା ଥାନାଧିକାରୀ ପ୍ରିୟବ୍ରତ ରାଉତ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏଥିସହ କେନାଲ ବନ୍ଧରେ ନିକଟ ଅନାବନା ଘାସରୁ ଏକ ବ୍ୟାଗ ଓ ଚପଲ ଠାବ କରିଛନ୍ତି। ବ୍ୟାଗ୍‌ଟିରେ କିଛି ପ୍ୟାଣ୍ଟ ଶାର୍ଟ ଥିବା ଭଳି ବାହାରକୁ ଦେଖାଯାଉଛି। ପ୍ରଥମେ ମୃତକଙ୍କ ପରିଚୟ ମିଳି ପାରି ନଥିବା ବେଳେ ପୋଲିସ ଉକ୍ତ ଫଟୋ ମୋବାଇଲ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ପଠାଇବା ପରେ ପ୍ରଫୁଲ୍ଲଙ୍କ ପରିଚୟ ଜଣାପଡ଼ିଛି। ତେବେ ମୃତକଙ୍କ ପରିବାର ପକ୍ଷରୁ ଏନେଇ କୌଣସି ସୂଚନା ବାଲିକୁଦା ଥାନାରେ ଦିଆ ଯାଇ ନ ଥିବା ଥାନାଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି।

# ବଛସାଇଲୋ ଘାଟରୁ ବାଲି ଚୋରା ଚାଲାଣ

ଜଗତ୍‌ସିଂହପୁର, ୧୧।୧୧ (ପ୍ରମୋଦ କୁମାର ନାୟକ)


ବିଧାୟକ ଅମରେନ୍ଦ୍ର ଦାସ ଆଳିପିଙ୍ଗଳ ପୋଲ ବୁଲି ଦେଖୁଛନ୍ତି।

**ବିପଦରେ ଆଳିପିଙ୍ଗଳ ପୋଲ**

■ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଚିଠି ଲେଖିଲେ ବିଧାୟକ

■ ନୂଆ ପୋଲ କାମ ମନ୍ଥର ଯୋଗୁ ଅସନ୍ତୋଷ

ଜଗତ୍‌ସିଂହପୁର ଓ କଟକ ଜିଲାକୁ ସଂଯୋଗ କରୁଥିବା ଆଳିପିଙ୍ଗଳ ପୋଲଟି ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତ୍ୟହ ଏହି ପୋଲ ଉପରେ ଭାରି ଯାନ ବିଶେଷକରି ବାଲି ବୋଝେଇ (ଓଭରଲୋଡିଂ) ହାଇୱା ଓ ଟ୍ରକ ଆଦି ଯାତାୟାତ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ବର୍ଷାଦିନେ ଏହି ପୋଲ ଉପରୁ ପିଚୁ ଉଠି ଖାଲ ହୋଇଥିବାରୁ ଗମନାଗମନରେ ବାଧା ସୃଷ୍ଟି ହୋଇଛି। ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲେ ସୁଦ୍ଧା ବେଆଇନ ବାଲି ଚାଲାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। ଏହା ପଛରେ କାହାର ହାତ ଅଛି ସେନେଇ ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅଚାନକ ଏହି ପୋଲ ପରିଦର୍ଶନ କରି ବାଲି ଚୋରା ଚାଲାଣ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ବର୍ଷାଧିକ କାଳ ହେବ ଏହି ପୋଲ ପାର୍ଶ୍ୱରେ ନୂଆକରି ନିର୍ମାଣ ଚାଲିଥିବା ପୋଲ କାମ ଧିମା ହୋଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୯୯୫ରୁ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ଆଳିପିଙ୍ଗଳ ପୋଲଟି ନିର୍ମାଣ କରାଯାଇଥିଲା। ସେତେବେଳେ ଏହା ଲୋକଙ୍କ ଭିତରେ ଅନେକ ସ୍ୱପ୍ନ ସୃଷ୍ଟି କରିଥିଲା। କାରଣ ଦୀର୍ଘ ବର୍ଷ ଧରି ଜଗତ୍‌ସିଂହପୁର ଓ କଟକ ଜିଲା ମଧ୍ୟରେ ଦେବୀ ନଦୀ ଗମନା ଗମନରେ ଯେଉଁ ବାଧା ସୃଷ୍ଟି କରିଥିଲା, ତାହା ଏହି ପୋଲ ନିର୍ମାଣ ଦ୍ୱାରା ଦୂର ହୋଇ ପାରିଥିଲା। କିନ୍ତୁ କାଳକ୍ରମେ ପୋଲଟି ଦୁର୍ବଳ ସ୍ଥିତିକୁ ଆସିଥିଲା। ପ୍ରତିବର୍ଷ ପୂର୍ତ୍ତ ବିଭାଗ ମରାମତି ଓ ରଙ୍ଗ ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବାହାନାରେ ଚଳୁ କରି ଚାଲିଛି। ଅତୀତରେ ଏହି ପୋଲର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି କି ଏହା ଉପରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଶେଷରେ ପୂର୍ତ୍ତ ବିଭାଗ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ଭାରିଯାନ ଚଳାଚଳକୁ ରୋକିବା ପାଇଁ ବ୍ୟାରିକେଡ୍ କରାଯାଇଥିଲା। ହେଲେ ଏହା ଅଧିକ ଦିନ ରହି ପାରି ନ ଥିଲା। ବ୍ୟାରିକେଡ୍ ଉଠାଇବା ପାଇଁ ବାଲି ମାଫିଆ ଷଡ଼ଯନ୍ତ୍ର ରଚି ସଫଳ ହୋଇଥିଲେ। ସ୍କୁଲ, କଲେଜ ପିଲା ପ୍ରତ୍ୟହ ବସ୍ ଆଦିରେ ଜଗତ୍‌ସିଂହପୁରକୁ ଯାତାୟାତ କରୁଥିବାରୁ ବ୍ୟାରିକେଡ୍ ବାଧା ସୃଷ୍ଟି କରୁଥିବା ଦର୍ଶାଇ ଏହାକୁ ହଟାଯିବା ପାଇଁ ବିଭିନ୍ନ ମାଧ୍ୟମରେ ଚାପ ପକା ଯାଇଥିଲା। ଶେଷରେ ପୋଲର ଉଭୟ ପାର୍ଶ୍ୱରୁ ବ୍ୟାରିକେଡ୍ ଉଠିଥିଲା। ତା’ପରଠାରୁ ଆଳିପିଙ୍ଗଳ ଆରପଟ ଅର୍ଥାତ୍ କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ବଛସାଇଲୋ ବାଲିଘାଟରୁ ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ଏହି ପୋଲ ଦେଇ ଜଗତ୍‌ସିଂହପୁର ଆଦି ଅଞ୍ଚଳକୁ ବେପିକର ଚାଲାଣ ହୋଇଚାଲିଛି।

ଏ ସମ୍ପର୍କରେ ବିଧାୟକ ଅମରେନ୍ଦ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଆଳିପିଙ୍ଗଳରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ଅନେକ ଲୋକ ଆଳିପିଙ୍ଗଳ ପୋଲକୁ ନେଇ ଚିନ୍ତା ପ୍ରକଟ କରିବା ସହ ଦେଖିବାକୁ ଅନୁରୋଧ କରିଥିଲେ। ତା’ପରେ ସେ ଏହି ପୋଲି ପରିଦର୍ଶନରେ ଯାଇ ଯାହା ଅନୁଭବ କରିଥିଲେ ତାହା ବାସ୍ତବିକ ଚିନ୍ତାଜନକ। କାରଣ ସେ ପୋଲରେ ଛିଡ଼ା ହୋଇଥିବାବେଳେ ସ୍କୁଲ, କଲେଜ ପିଲା ଅଟୋ ଓ କାର ଆଦିରେ ଯାତାୟାତ କଲାବେଳେ ପୋଲଟି ହଲୁଥିବା ଭଳି ଅନୁଭବ ହେଉଥିଲା। ସେଠାରେ ଉପସ୍ଥିତ ଲୋକେ ଅନେକ ଅଭିଯୋଗ କରିଥିଲେ। ପୋଲଟି ବିପଦସଙ୍କୁଳ ସ୍ଥିତିରେ ଅଛି। ପୋଲ ନିକଟରୁ ବାଲି ଖୋଳାଯାଉଛି। ବାଲି ପ୍ରାୟତଃ ରାତି ୧୦ଟା ପରଠାରୁ ଭୋର ପର୍ଯ୍ୟନ୍ତ ଚାଲାଣ ହେଉଛି। ଏପରି କି ରାତିରେ ପୋଲ ଉପରେ ଧାଡି କରି ବାଲି ବୋଝେଇ ହାଇୱା ଛିଡା ହେଉଥିଲେ ସୁଦ୍ଧା ଯାତାୟାତରେ ବାଧା ସୃଷ୍ଟି କରୁଛି। ଏପରିକି ରାତିରେ କୌଣସି ଜରୁରୀ କାର୍ଯ୍ୟରେ କେହି ଏହି ପୋଲ ଦେଇ ଯିବାକୁ ଚାହିଁଲେ କଣ କରିବେ ଚିନ୍ତାରେ ପଡି ଯାଉଛନ୍ତି। କେବଳ ଏତିକି ନୁହେଁ, ବାଲିର ଦର ମଧ୍ୟ ମନଇଚ୍ଛା ବଢ଼ାଯାଉଛି। ବାଲି ମାଫିଆ, ଜିଲା ଖଣି ଅଧିକାରୀ, ପ୍ରଶାସନିକ ଓ ପୋଲିସ କର୍ମଚାରୀଙ୍କ ସଲାସୁତ୍ରରାରେ ଏଭଳି ଚାଲିଥିବା ଅଭିଯୋଗ ହେଉଛି। ତେବେ ଏ ପରିସ୍ଥିତିରେ ସେ ଉଭୟ ଜଗତ୍‌ସିଂହପୁର ଓ କଟକ ଜିଲା ଖଣି ଅଧିକାରୀଙ୍କ ସହ ଆଲୋଚନା କରିଥିବା ବିଧାୟକ କହିଛନ୍ତି। କଟକ ଜିଲା ଖଣି ଅଧିକାରୀ କହିଥିଲେ, ବଛସାଇଲୋ ଘାଟ ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି। ଏହା ନିୟମିତ ନ ହେବା ଯାଏ ଘାଟ ଚାଲିପାରିବ ନାହିଁ। କିନ୍ତୁ ବେଆଇନ ଭାବେ ଏହି ଘାଟରୁ ରାତିରେ ବାଲି ଚୋରା ଚାଲାଣ ହେଉଥିବାରୁ ଜଗତ୍‌ସିଂହପୁର ଜିଲାକୁ ପ୍ରବେଶ ଉପରେ ଅଙ୍କୁଶ ଲଗାଇବା ପାଇଁ ସେ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଚିଠି କରିଛନ୍ତି। ଏଥିସହ କଟକ ଓ ଜଗତ୍‌ସିଂହପୁର ଜିଲା ଖଣି ଅଧିକାରୀଙ୍କ ପକ୍ଷରୁ ମିଳିତ ଚଢାଉ କରାଯିବ। ଅନ୍ୟପଟେ ନୂଆକରି ନିର୍ମାଣ ଚାଲିଥିବା ପୋଲ କାମକୁ କ୍ରିୟାଶୀଳ କରିବାକୁ ବିଧାୟକ ପୂର୍ତ୍ତ ବିଭାଗକୁ ଚିଠି କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଆଗାମୀ ଦିନରେ ଲୋକେ ବାଲିଘାଟ ବନ୍ଦ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି। ତେବେ ଦେଖିବାର ଅଛି ବେଆଇନ ବାଲି ଚାଲାଣ ବନ୍ଦ ହେଉଛି କି ପୂର୍ବପରି ଚାଲୁ ରହୁଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶୀର୍ବାଦ


@ ଅଶୋକ


@ ଶାଶ୍ୱତ


@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟିତ**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ପୁରୁଣା ସହରର ଦକ୍ଷିଣକାଳୀଙ୍କ ଯାତ୍ରା ପଡ଼ିଆରେ ସୋମବାର ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟିତ ହୋଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କଳିଙ୍ଗ ହସ୍ପିଟାଲ ନିର୍ଦ୍ଦେଶିକା ନିଲାଞ୍ଜନା ମୁଖାର୍ଜୀ ଯୋଗ ଦେଇଥିଲେ। ଭୁବନେଶ୍ୱରର ଦି ଅର୍ଗାନ ଅରକେଷ୍ଟ୍ରା ଓ କଟକ ନୃତ୍ୟ ମୟୂରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକମ ଅନୁଷ୍ଠିତ ହୋଇଛି।

# କନ୍ଦା ଦେଇଛି ରୋଜଗାର, ବଞ୍ଚିବାର ରାହା




ଜଙ୍ଗଲରୁ ବିଡ଼ାପାଙ୍କୁ ଗାଁର ମହିଳାପୁରୁଷମାନେ କନ୍ଦା ସଂଗ୍ରହ କରି ଆଣୁଛନ୍ତି।

- ୩ ମାସ ଧରି ଜଙ୍ଗଲରୁ କରାଯାଉଛି ସଂଗ୍ରହ
- ଜଙ୍ଗଲ ସୁରକ୍ଷା ପରେ ବଦଳିଲା ଜୀବନ ଜୀବିକା

ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)

ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ପରେ ଆଦିବାସୀ ଓ ଦଳିତ ଲୋକଙ୍କ ଜୀବନ ଜୀବିକା ବଦଳିବାରେ ଲାଗିଛି। ୩ ମାସ ଧରି ଜଙ୍ଗଲରୁ ବିଭିନ୍ନ ପ୍ରକାରର କନ୍ଦା ସଂଗ୍ରହ କରି ନିଜେ ଖାଇବା ସହ ବିକ୍ରି କରି ଗୁଜୁରାଣ ମେଣ୍ଟାଇବାରେ ସହଯୋଗ କରୁଛି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ବିଡ଼ାପାଙ୍କୁ ଗାଁର ମହିଳାମାନେ ଜଙ୍ଗଲ ଉପରେ ନିର୍ଭର କରି ନିଜ ଜୀବନ ଜୀବିକାକୁ ବଦଳାଇବାରେ ଲାଗିଛନ୍ତି। ବିଡ଼ାପାଙ୍କୁ ଗାଁରେ ୨୪ ଦଳିତ ପରିବାର ଓ ୩ ଆଦିବାସୀ ପରିବାର ଏପରି ମୋଟରେ ୨୭ ପରିବାରର ୯୮ ଲୋକ ବାସ କରନ୍ତି। ଏଠାକାର ଅଞ୍ଚଳରେ ଥିବା ମାଇ ପାହାଡ଼ରୁ ଅବାଧରେ ଗଛ କଟା କାରଣରୁ ଜଙ୍ଗଲ ପଦା ହୋଇଗଲା। ବଣ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଗାଁ ଲୋକ ଏକାଠି ହୋଇ ଜଙ୍ଗଲକୁ ସୁରକ୍ଷା ଦେବାକୁ ଆଗେଇ ଆସିଲେ। ୨୦୧୯ରେ ଗାଁରେ ସଭା କରି ଠେଙ୍ଗା ପାଳି ମାଧ୍ୟମରେ ଜଙ୍ଗଲ ସୁରକ୍ଷା କଲେ। ଧୀରେ ଧୀରେ ପୁଣି ଜଙ୍ଗଲ ବଢ଼ିବାରେ ଲାଗିଲା। ଆଦିବାସୀ ଓ ଦଳିତ ଲୋକମାନେ ପୁଣି ଜଙ୍ଗଲ ଉପରେ ନିର୍ଭର କଲେ।

ଏ ନେଇ ୭୦ ବର୍ଷର ବୃଦ୍ଧା ତପିସା ନାୟକ କହିଛନ୍ତି, ଜଙ୍ଗଲ ସୁରକ୍ଷା ପରେ ଆମେ ଖୁସିରେ ଅଛୁ। ଜଙ୍ଗଲ ସୁରକ୍ଷା ପରେ ମାଇ ପାହାଡ଼ର ମାଙ୍କଡ଼ଝର, କଣ୍ଟି ଆମ୍ବ, ଡବାଖୋଲ, ଛଣଦମକ, ଭିମକନ୍ଦା, ଚାରିଛକ ପ୍ରଭୃତି ଅଞ୍ଚଳରେ ଜଙ୍ଗଲ ବଢ଼ିବାରେ ଲାଗିଛି। ଏଣୁ ଧୀରେ ଧୀରେ ଜଙ୍ଗଲରୁ କନ୍ଦା ସଂଗ୍ରହ ବଢ଼ିବାରେ ଲାଗିଛି। ନେତ୍ର ନାୟକ କହିଛନ୍ତି, କାର୍ତ୍ତିକ, ମାର୍ଗଶିର ଓ ପୌଷ ମାସରେ ଜଙ୍ଗଲରୁ କୁଲିଆ କନ୍ଦା, କଡ଼ବା କନ୍ଦା, ପାଣି ଆଳୁ, ଓଲକନ୍ଦା, ମସିଆ କନ୍ଦା ସଂଗ୍ରହ କରାଯାଏ। ଏଗୁଡ଼ିକ ମଧ୍ୟରୁ ଖାଇବାକୁ ରଖାଯାଇ ଅବଶିଷ୍ଟ ବିକ୍ରି କରାଯାଏ। କନ୍ଦା ସଂଗ୍ରହ କରିବାକୁ ପ୍ରତି ପରିବାରର ଲୋକମାନେ ଜଙ୍ଗଲ ଯାଇଥାନ୍ତି। ଯିଏ ଯେତେ ଅଧିକ କନ୍ଦା ସଂଗ୍ରହ କଲା ତା'ର ରୋଜଗାର ସେତେ ବଢ଼ିଲା। କ୍ଷେତ୍ର ନାୟକ, ଅନ୍ତର ନାୟକ ଓ ଚିନା ନାୟକ କହିଛନ୍ତି, ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ପୂର୍ବରୁ ଜଙ୍ଗଲ ପଦା ହୋଇ ଚାଲିଲା। ଆଖପାଖ ଗାଁର ଲୋକମାନେ ଜଙ୍ଗଲରୁ କନ୍ଦା ବି ନେଇ ଯାଉଥିଲେ। ଜଙ୍ଗଲରୁ କନ୍ଦା ଆଉ ମିଳିଲା ନାହିଁ। ଜଙ୍ଗଲର ସୁରକ୍ଷା ପରେ ଆମ ଲୋକମାନେ କନ୍ଦା ଆଣୁଛନ୍ତି। ପୁଣି କନ୍ଦାର କିଛି ଅଂଶକୁ ପୋତି ନୂଆ ଗଛ ସୃଷ୍ଟି ହେବାକୁ ସୁଯୋଗ ଦେଉଛନ୍ତି। ଏହାଦ୍ୱାରା ଜଙ୍ଗଲରେ କନ୍ଦା ଗଛ ଲୋପ ପାଉନାହିଁ। ଆଦିବାସୀ ଓ ଦଳିତ ଲୋକମାନେ ଉପକୃତ ହେବାରେ ଲାଗିଛନ୍ତି। ଜଙ୍ଗଲରୁ ଅନ୍ୟ ଉପକାର ମଧ୍ୟ ପାଉଛୁ ବୋଲି ମତପ୍ରକାଶ କରିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୧୧।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବରପଲ୍ଲୀ ଗ୍ରାମର ବସ୍‌ଷ୍ଟପ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଶିଖରପୁର ପଞ୍ଚାୟତ ଅଧୀନ ଉଜୁଳାଙ୍ଗ ଗ୍ରାମ ଗଣ୍ଡସାହିର ରାଜ କିଶୋର ବେହେରା(୨୮)ଙ୍କର ରବିବାର ରାତିରେ ମୃତ୍ୟୁ ହୋଇଛି। ରାଜ କିଶୋର ବାଇକ୍ ଯୋଗେ ଖଣ୍ଡପଡ଼ାରୁ ନିଜ ଗ୍ରାମକୁ ଫେରୁଥିବାବେଳେ ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ହେବାରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ରାଜ କିଶୋରଙ୍କୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବାଇକ୍‌ଟିକୁ ପୋଲିସ ଜବତ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## କାର୍ତ୍ତିକ ଶେଷ ସୋମବାରରେ ଲଡୁବାବାଙ୍କ ପୀଠରେ ଭିଡ଼



ଲଡୁବାବାଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

ଶରଣକୁଳ, ୧୧।୧୧ (ଦୀପକ କର)

ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାରରେ ଲଡୁବାବାଙ୍କ ଦର୍ଶନ ପାଇଁ ମନ୍ଦିରରେ ଦୂର ଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହୋଇଥିଲା। ଦର୍ଶନ ପାଇଁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଯୋଗୁ ଲମ୍ବା ଧାଡ଼ିରେ ରହି ବାବାଙ୍କ ଦର୍ଶନ କରିଥିଲେ। ପ୍ରାତଃରୁ ବାବାଙ୍କ ଅବକାଶ ନୀତି, ଅନ୍ୟ ସମସ୍ତ ନୀତି ସରିବା ପରେ ଯାଇ ଶଙ୍ଖୁଡ଼ି ଧୂପ ହୋଇଥିଲା। ଅପରାହ୍ନ ସାଢ଼େ ୧ଟାରେ ଲଡୁବାବାଙ୍କ ଚଳନ୍ତୀ ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ପୁଷ୍ପ ସଜ୍ଜିତ ବିମାନରେ ଘଣ୍ଟ, ଘଣ୍ଟା, କାହାଳୀ, ଛତି, ତ୍ରାସ ସହ ଭକ୍ତଙ୍କ ଖୋଳତାଳ ସଂକୀର୍ତ୍ତନରେ ଶ୍ରଦ୍ଧାଳୁ ଓ ଉପାସିଆ ଭକ୍ତଙ୍କ ଗହଣରେ କାର୍ତ୍ତିକର ଶେଷ ସୋମବାରର ମନ୍ଦିର ବେଢ଼ା ପରିକ୍ରମା ୩ଥର କରିଥିଲେ। ପରେ ସୋମବାର ଉପବାସ କରିଥିବା ଭକ୍ତ ବେଢ଼ାରେ ବାବାଙ୍କ ଦର୍ଶନ କରି କୃପାଲାଭ କରିବାପରେ ଶ୍ରଦ୍ଧାର ସହ ଭୋଗ ଲାଗି ହୋଇଥିବା ପଣା ପାଣି ସେବନ କରି ଉପବାସ ଭଙ୍ଗ କରିଥିଲେ। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ଙ୍କ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପୋଲିସ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ଶୃଙ୍ଖଳାର ସହ କରାଇଥିଲେ। ସମସ୍ତ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସେହିପରି ସନ୍ଧ୍ୟାରେ ଦୂରରୁ ଆସିଥିବା ବହୁ ଭକ୍ତ ବାବାଙ୍କ ଦର୍ଶନ ଲାଭ କରିଥିଲେ। ମଙ୍ଗଳବାର ପବିତ୍ର ବଡ ଏକାଦଶୀ ତିଥିରୁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ପଞ୍ଚୁକରେ ହେବାକୁ ଥିବା ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ପୋଲିସ ମୁତୟନ କରାଯିବା ସହ ଶ୍ରଦ୍ଧାଳୁ ଏବଂ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ଭାବେ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ପରିଚାଳକ ବରାଡ଼ ପ୍ରକାଶ କରିଛନ୍ତି।

## ଦାସିଆ ଅଜାଙ୍କ ସଂଗ୍ରହାଳୟରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ

ନୂଆଗାଁ, ୧୧।୧୧ (ଧନେଶ୍ୱର ସାହୁ)




ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଦାସିଆ ଅଜାଙ୍କ ସମାଧି ପୀଠରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଦାଶରଥି ସଂଗ୍ରହାଳୟ ଓ ପାଠାଗାରକୁ ସୋମବାର ଓଡ଼ିଶା ସରକାର ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପରିଦର୍ଶନ କରିଛନ୍ତି। ପାଠାଗାର ଆନ୍ଦୋଳନର ସ୍ରଷ୍ଟା ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଦ୍ୱାରା ନୂଆଗାଁର ଉଦୟପୁର ଗାଁରେ ପ୍ରତିଷ୍ଠିତ ପାଠାଗାର, ସଂଗ୍ରହାଳୟ ଅଭିଲେଖାଗାର ଓ ଗବେଷଣା କେନ୍ଦ୍ରକୁ ନିର୍ଦ୍ଦେଶକ ସାମଲ ସ୍ୱତନ୍ତ୍ର ଭାବେ ପରିଦର୍ଶନ କରିଛନ୍ତି। ବଣପାହାଡ଼ ଜଙ୍ଗଲ ଘେରା ଏକ ଗ୍ରାମୀଣ ପରିବେଶରେ ଦାସିଆ ଅଜାଙ୍କ ଭଳି ଜଣେ ସାଧାରଣ ବ୍ୟକ୍ତି ନିଜର ଅସାଧାରଣ ସାଧନା ଓ ପରିକଳ୍ପନା ଦ୍ୱାରା ବିଶ୍ୱବାସୀଙ୍କ ପାଇଁ ସାଇତି ରଖିଥିବା ଜ୍ଞାନର ସାଂସ୍କୃତିକ ସମ୍ଭାରକୁ ଦେଖି ନିର୍ଦ୍ଦେଶକ ସାମଲ ଅଭିଭୂତ ହୋଇଥିଲେ। ପାଠାଗାର ସଂଗ୍ରହାଳୟରେ ସଂଗୃହୀତ ହୋଇ ଲକ୍ଷାଧିକ ପୁସ୍ତକ, ପତ୍ରପତ୍ରିକା, ପୁରାତନ ପୁସ୍ତକ, ସମ୍ବାଦପତ୍ର, ତାଳପତ୍ର ପୋଥି ଏବଂ ପୃଥିବୀର ବିଭିନ୍ନ ଦେଶର ପୁରାତନ ବିରଳ ସାମଗ୍ରୀକୁ ଦେଖି ନିର୍ଦ୍ଦେଶକ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ। ବିସ୍ମୟ ସାଧକ ଦାସିଆ ଅଜାଙ୍କ ବିରଳ ସାଧନା ଓ କୃତିତ୍ୱକୁ ଖୁବ୍ ପ୍ରଶଂସା କରିଥିଲେ। ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସାମାଧି ପୀଠରେ ଶ୍ରଦ୍ଧା ନିବେଦନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ ପଟ୍ଟନାୟକ ନିର୍ଦ୍ଦେଶକଙ୍କୁ ପାଠାଗାର ସଂଗ୍ରହାଳୟରେ ସଂଗୃହୀତ ସମସ୍ତ ସାମଗ୍ରୀ ସମ୍ପର୍କରେ ଅବଗତ କରାଇଥିଲେ। ନିର୍ଦ୍ଦେଶକ ସାମଲଙ୍କ ସମେତ ନୟାଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ସଂଗ୍ରାମ କୁମାର ରାଉତ ପ୍ରମୁଖ ସଂଗ୍ରହାଳୟରେ ଉପସ୍ଥିତ ରହିଥିଲେ।

## କୁମ୍ଭାରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି

ଖଣ୍ଡପଡ଼ା,୧୧।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ କୁମ୍ଭାରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଜନସାଧାରଣଙ୍କଠାରୁ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ବାସଗୃହ ନିମନ୍ତେ ୧୮ ଟି ଓ ୨ଜଣଙ୍କଠାରୁ ଖାଉଟି କାର୍ଡ ଲାଗି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ସେହିପରି ୨ ଟି ଘରୋଇ ସମସ୍ୟାର ଆଶୁ ସମାଧାନ କରାଯାଇଥିଲା। କୁମ୍ଭାରପଡ଼ା ପଞ୍ଚାୟତର ବଭିନ୍ନ ସମସ୍ୟା ସମ୍ପର୍କରେ ୱାର୍ଡ ସଭ୍ୟାସଭ୍ୟ, ସରପଞ୍ଚ ପଣ୍ଡା ଓ ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟକୃଷ୍ଣ ସେଠୀ ଓ ଡ଼ିଇଓ ସଞ୍ଜୟ ସ୍ୱାଇଁଙ୍କ ସମେତ ବିଭିନ୍ନ ୱାର୍ଡର ଜନପ୍ରତିନିଧିମାନେ ଜନଶୁଣାଣିରେ ଉପସ୍ଥିତ ଥିଲେ।

## ଜଙ୍ଗଲରେ ଚଢ଼ାଉ, ୪୦୦ ମଦ ପୋଚ ନଷ୍ଟ

ଦଶପଲ୍ଲା, ୧୧।୧୧( ପ୍ରକାଶ କୁମାର ପାଣି)



ସୋମବାର ଦଶପଲ୍ଲା ବ୍ଲକର ରାଇମଡ଼ା ଜଙ୍ଗଲ ମଧ୍ୟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ରନ୍ଧା ପୋଚକୁ ନଷ୍ଟ କରାଯାଇଛି। ଉକ୍ତ ଜଙ୍ଗଲ ମଧ୍ୟରେ ଦୀର୍ଘଦିନ ହେଲା ମଦ ରନ୍ଧା ଯାଉଥିବା ଅଭିଯୋଗ ପୋଲିସ ପାଇଥିଲା। ତେବେ ସୋମବାର ମଦ ରନ୍ଧା ଚାଲିଥିବା ବିଶେଷ ସୂତ୍ରରୁ ଖବର ମିଳିବା ପରେ ଦଶପଲ୍ଲା ଥାନା ଅଧିକାରୀ ଅନୀତା ସାହୁ ସଦଳବଳେ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ମଦ ରାନ୍ଧୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ମଦ ରନ୍ଧା ସାମଗ୍ରୀ ମାନ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ମଦ ରନ୍ଧା ସାମଗ୍ରୀ ଜବତ କରିବା ସହ ୪ ଶହ ମଦ ପୋଚ ନଷ୍ଟ କରିଥିଲା। ଜଙ୍ଗଲ ଯୋଗୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।

## ଶୃଙ୍ଖଳା, ଅହରହ ଚେଷ୍ଟା କୃତିତ୍ୱର ଚାବିକାଠି

ନୂଆଗାଁ, ୧୧।୧୧ (ଧନେଶ୍ୱର ସାହୁ)




ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

ନୂଆଗାଁ ବ୍ଲକ ସ୍ଥାନୀୟ ସ୍କୁଲ ପଡ଼ିଆଠାରେ ସୋମବାର ୨୯ତମ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ହାଇସ୍କୁଲ ସ୍ତରର ୮୫ଟି ଓ ଏଲିମେଣ୍ଟାରୀସ୍ତରର ୩୫ଟି ପ୍ରକଳ୍ପ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିଲେ।

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ନୂଆଗାଁ ବ୍ଲକ ବିଜ୍ଞାନ ମେଳା କମିଟି ଦ୍ୱାରା ଆୟୋଜିତ ବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ବିଜ୍ଞାନୀ ଜ୍ଞାନକୌଶଳକୁ ଲୋକଲୋଚନକୁ ଆଣିବା। ଛାତ୍ରୀଛାତ୍ରଙ୍କ ମନରେ ଜାଣିବାକୁ ଥିବା ଆଗ୍ରହ ସେମାନଙ୍କୁ ବୈଜ୍ଞାନିକ ହେବାକୁ ବାଟ ଦେଖାଇ ଥାଏ। ତେଣୁ ଯେଉଁ ଛାତ୍ରୀଛାତ୍ରଙ୍କ ମନରେ ଯେତିକି ଜାଣିବାର ଆଗ୍ରହ ରହିଥାଏ ସେମାନେ ସେହି ଅନୁସାରେ ଆଗକୁ ଯାଇପାରନ୍ତି ବୋଲି ଉଦ୍‌ଘାଟନ ଉତ୍ସବର ସମ୍ମାନିତ ଅତିଥି ତଥା ଜିଲା ବିଜ୍ଞାନ ପରିଚାଳକ ଶରତ କୁମାର ସାହୁ କହିଥିଲେ। ସାରା ରାଜ୍ୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୫ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ସେଥିମଧ୍ୟରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୨ ଜଣ ଛାତ୍ରୀଛାତ୍ର ବୈଜ୍ଞାନିକ ପ୍ରଦର୍ଶନୀରେ ରାଜ୍ୟସ୍ତରରେ ସୁନାମ ଆଣିଥିଲେ। ଅନ୍ୟଜଣେ ଛାତ୍ର ୬ଷ୍ଠ ସ୍ଥାନ ଅଧିକାର କରିଥିବା ଜିଲା ବିଜ୍ଞାନ ପରିଚାଳକ ସାହୁ ସୂଚନା ଦେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଓ ଅହରହ ଚେଷ୍ଟା ସେମାନଙ୍କୁ ନିଜ ଲକ୍ଷ୍ୟପଥରେ ପହଞ୍ଚାଇଥାଏ ବୋଲି ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ କହିଥିଲେ। ୨୦୨୩ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବା ନୂଆଗାଁ ହାଇସ୍କୁଲର ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁଙ୍କୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶୁଭଦର୍ଶିନୀ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଭୀମସେନ ସେଠୀ ଯୋଗଦେଇଥିବାବେଳେ ବିଡିଓ ଅମୃତ କୁମାର ରାଉଳ, ତହସିଲଦାର ହେମ' କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ବିଇଓ ଭକ୍ତି ବିନୋଦ ସଲ, ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀ, ଏବିଇଓ କବିତା ଦାସ, ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୀମସେନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

### ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୨୦ ପ୍ରକଳ୍ପ

---

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୀର୍ବାଦ



@ ଅଶୋକ



@ ଶାଶ୍ୱତ



@ ସୀମା



@ ସୁଦିପ୍ତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

